ମାଟି ଗୋଡି ପଥରର କାବ୍ୟ



Digitized by srujanika@gmail.com

"ଅଗ୍ରଗାମୀ ଗୋଷ୍ଠୀ"ର
ଶିଶୁ ସନ୍ତାନ—

ମାଟି ଗୋଡ଼ି ପଥରର କାବ୍ୟ

ସାଧନାର ସ୍ପର୍ଶ ଦେଇଛନ୍ତି—

ପ୍ରତାପ ଚନ୍ଦ୍ର ରଥ
ସୁଧାକର ରାୟ
ସରୋଜିନୀ ପଟ୍ଟନାୟକ
କେ. ପଦ୍ମ ଚରଣ ଦାଶ

॥ ମୀନା ପ୍ରକାଶନୀ କୃତ ଗଳ୍ପ ସଂକଳନ ॥

Digitized by srujanika@gmail.com

ପ୍ରକାଶକ ମଣ୍ଡଳୀ—

ସର୍ବଶ୍ରୀ କପିଳ କୁମାର ଢୋପା
ହାଡ଼ିବନ୍ଧୁ ରଣା
ସୂର୍ଯ୍ୟ ପ୍ରସାଦ ପଟ୍ଟନାୟକ
ଦୁର୍ଯ୍ୟୋଧନ ନାୟକ
ହରେକୃଷ୍ଣ ଦାଶ
ରବୀନ୍ଦ୍ର ମହାରଣା
ତାରିଣୀ ଚରଣ ସୁବୁଦ୍ଧି
ଉଦୟ ବେଠାରୁ
ବୁଲୁ ପଟ୍ଟନାୟକ
ଓ କୃଷ୍ଣଚନ୍ଦ୍ର ମିଶ୍ର

ପ୍ରଥମ ସଂସ୍କରଣ—
୧୯୭୯ ଡିସେମ୍ବର

ସମ୍ପର୍କ—
ପ୍ରତାପ ଚନ୍ଦ୍ର ରଥ
ପରିଚାଳକ - ଅଗ୍ରଗାମୀ ଗୋଷ୍ଠୀ
ପ୍ରୟୋଗ ଅର୍ଥନୀତି ବିଭାଗ
ବାଣୀ ବିହାର,
ଭୁବନେଶ୍ୱର-୪

ମୁଦ୍ରଣ—
ଅଲକା ପ୍ରେସ, କଟକ-୧

ସହଯୋଗ—ଏକଟଙ୍କା ପଚଶ ପଇସା ମାତ୍ର

Digitized by srujanika@gmail.com

ଅଙ୍ଗାଭରଣ

୧ ।	ନିରୁଦ୍ଦିଷ୍ଟାଙ୍କ ଉଦ୍ଦେଶ୍ୟରେ	ଉତ୍ସର୍ଗ ପତ୍ର
୨ ।	ସେମାନେ କହନ୍ତି	ସୁରେନ୍ ମହାନ୍ତି (ବେତାର)
		ଯତୀନ୍ଦ୍ର କୁମାର ଦାସ
୩ ।	ନିଜସ୍ୱ ସଂଳାପ	ଆମେ ବିସ୍ମୃତ ସ୍ରଷ୍ଟାମାନେ
୪ ।	ମାଟି ଗୋଡ଼ ପଥରର କାବ୍ୟ	
୫ ।	ପୃଷ୍ଠ ଓ ପଶ୍ଚାତ	
୬ ।	ଏ ସହରର ନିଷ୍ପ୍ରଦୀପ	
୭ ।	ମରୁନଦୀ	
୮ ।	ଶେଷ ପତ୍ର	
୯ ।	ଏ ଝଡ଼ର କଣ ଶେଷ ନାହିଁ ?	
୧୦ ।	ଏମାନଙ୍କୁ ନେଇ କଣ ଘର କରି ହେବ ?	

Digitized by srujanika@gmail.com

ନିରୁଦ୍ଦିଷ୍ଟାଙ୍କ ଉଦ୍ଦେଶ୍ୟରେ—

ଜ୍ୱଳନ୍ତ
ଧୂପାଳିକୁ ଫୁଙ୍କି ଦେଲେ
ତାର ଆଲୋକ ରେଖା ମହାଶୂନ୍ୟରେ
ମିଶିଗଲା ପରେ,
ପାଣିରେ ଖପରା ଫୋପାଡ଼ିଲେ
ତାର କମ୍ପନର ଶୀତ୍କାର
ଧୀରେ ଧୀରେ ଲିଭିଗଲା ପରେ,
ବିଲମାନରେ କୁହାଟ ମାରିଲେ
ହାଡ଼ମାନ ସେପାଖରେ ସେ କୁହାଟ
ନମସ୍ପୃଷ୍ଟ ହୋଇ
ହଜିଗଲା ପରେ —

ଆମ ଜୀବନରୁ ସେ ଚାଲିଗଲେ । ଝଡ଼ ପରି ଆସିଥିଲେ··· ଉଲ୍କା ପରି ଚାଲିଗଲେ । ମନରେ ଭୟ ନାହିଁ, ସଙ୍କୋଚ ନାହିଁ, ଗ୍ଲାନି ନାହିଁ । ପୁଣି କିଛି ନ କହି ଅନେକ କିଛି କହିଗଲେ । ସେ ଅବଶ୍ୟ ଆଉ ଫେରି ନ ପାରନ୍ତି, କିନ୍ତୁ ପ୍ରବେଶ ପଥ ବନ୍ଦ ହୋଇ ନାହିଁ ।

ସେହି ଜ୍ୟୋତି ପ୍ରେରଣାର ଶେଷହୀନ ଉତ୍ସ··· ନିରୁଦ୍ଦିଷ୍ଟାଙ୍କ ଅମୃତ ପରଶା ହାତରେ ଟେକି ଦେଲୁ ଆମ ବିପର୍ଯ୍ୟସ୍ତ ପ୍ରାଣସ୍ପନ୍ଦନର ପ୍ରତୀକ ନୂତନ ସୃଷ୍ଟିର ଶିଶୁ ସନ୍ତାନକୁ ।

ଅନ୍ଧକାର ତାର ଜୀବନ ସରଣୀ । ସେଇଥିରେ ସେ ବଞ୍ଚିବ, ହସିବ, ଖୁସି ହେବ ଓ ଅନ୍ୟକୁ ଖୁସି କରେଇବାର ଗୁରୁଭାର ବହନ କରିବ ।

"ଅଗ୍ରଗାମୀ ଗୋଷ୍ଠୀ"

Digitized by srujanika@gmail.com

ମୋ ଘର

୮ । ୧୧ ।୭୯

ମାଟି ଗୋଡ଼ ପଥରର କାବ୍ୟ ପଢ଼ିଲି, ଅଗ୍ରଗାମୀ ସଙ୍କେତର ସନ୍ଧାନ ପାଇଲି । ଯୁବ-ଲେଖକମାନଙ୍କର ଭାବର ଆଗ୍ନେୟଗିରିକୁ ଦେଶ ଚାହିଁ ରହିଛନ୍ତି । ସେମାନଙ୍କର ଲେଖନୀ ଏହି ବୈପ୍ଳବିକ ଯୁଗରେ ପ୍ରମାଣ କରିବ ଯେ ଲେଖନୀ ହିଁ ଏକମାତ୍ର ଅସ୍ତ୍ର ବିପ୍ଳବର ।

ସେହି ବାର୍ତ୍ତାର ପ୍ରତିଧ୍ୱନି ଏହି ପୁସ୍ତକରେ ।

ଆମେ ପ୍ରୌଢ଼ ଓ ବୃଦ୍ଧ ଲେଖକଦଳ ଏମାନଙ୍କୁ କେବଳ ସ୍ୱାଗତ କରି ସନ୍ତୁଷ୍ଟ ହେବା ଉଚିତ ନୁହେଁ । ଏମାନଙ୍କୁ ଯଥୋଚିତ ସ୍ଥାନରେ ପ୍ରତିଷ୍ଠିତ କରିବାରେ ସର୍ବାନ୍ତକରଣେ ଚେଷ୍ଟା କରିବା ।

ଆଶୀର୍ବାଦ କରିବାକୁ ମୁଁ ବିଶ୍ୱାସ କରେନା—ମୁଁ ବିଶ୍ୱାସ କରେ ହାତ ମିଳେଇ, ଆଲିଙ୍ଗନ କରି ତାଙ୍କ ସହିତ ଏକ ହେବାକୁ ।

ସୁରେନ୍ ମହାନ୍ତି
(ବେତାର)

Digitized by srujanika@gmail.com

ପ୍ରକାଶିତ ପୁସ୍ତକ, ପତ୍ରପତ୍ରିକା ଅଧିକାଂଶରେ, ଏପରି କି ଅନେକ ପ୍ରତିଷ୍ଠିତ ସାହିତ୍ୟିକଙ୍କ ଲେଖାରେ ମଧ୍ୟ ହଜାରି ବା ଲକ୍ଷପତି ପରିବାରର ପ୍ରେମ କାହାଣୀ । ସିନେମାରେ ବିଶେଷତଃ ଆମ ଓଡ଼ିଶାରେ ଯେତେବେଳେ ଧନୀ ଦିନକୁ ଦିନ ଧନୀ ହେବାରେ ଲାଗିଛି ଓ ଗରିବ ଦିନକୁ ଦିନ ଆହୁରି ଗରିବ ହେଉଛି । ଅନ୍ନ ନାହିଁ, ବାସ ନାହିଁ, କର୍ମ ବି ନାହିଁ---ସେତେବେଳେ ଏହି ପ୍ରେମ ବିରହକୁ ନେଇ ଯେଉଁ କାହାଣୀ ସବୁ ଆମ ଲେଖକମାନେ ଲେଖିବାରେ ଲାଗିଛନ୍ତି, ସେହି ସବୁ କାହାଣୀ ଆମର ବା ଆମ ସମାଜର ଚିତ୍ର ହୋଇ ନ ପାରେ । ଖାଲି ଭାଷା ଓ ଆଙ୍ଗିକର ଘଟାଟୋପ ଚଢାଇ କିମ୍ବା ଯୌନ ଉତ୍ତେଜକ ଦୃଶ୍ୟ ସଂଯୋଜନ କରିଦେଲେ ଲେଖାଟି ହୁଏତ ସାମୟିକ ଜନପ୍ରିୟ ହୋଇପାରେ, କିନ୍ତୁ ତାହା ଅବାସ୍ତବ ହିନ୍ଦୀ ଚଳଚିତ୍ର ପରି କ୍ଷଣସ୍ଥାୟୀ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ । ରାଜ୍, ମାଥ୍ୟୁ ପ୍ରୀତିନନ୍ଦା, ଗଦେଇ ମହାରଣା ଇତ୍ୟାଦିଙ୍କ ସଙ୍ଗେ ସାକ୍ଷାତ ହେବା ପରେ ସଂକଳନଟି ଗତାନୁଗତିକ ଚଳାପଥ ନୁହେଁ ବୋଲି ବୁଝି ପାରିଲି । ସମାଜର ମୁଖ୍ୟ ସ୍ଥାନ ଅଧିକାର କରିଥିବା ତଥା ଆମ ସାହିତ୍ୟ ଜଗତରୁ ବିଚ୍ଛିନ୍ନ ରହିଥିବା ଏଇ ନର୍ଦ୍ଦମାର କୀଟମାନଙ୍କ ଚିତ୍ର ସୁଦକ୍ଷ ଭାବରେ ଆଙ୍କି ପାରିବାର ଦକ୍ଷତା ଅଗ୍ରଗାମୀ ଗୋଷ୍ଠୀର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ ।

ଯତୀନ୍ଦ୍ର କୁମାର ଦାସ

ମଳୟ, ବାଙ୍କାବଜାର, କଟକ-୨

Digitized by srujanika@gmail.com

ନିଜସ୍ୱ ସଂଳାପ

ସେଦିନ ଗଲାଣି ଯେତେବେଳେ ସାହିତ୍ୟ ଚଳନ୍ତି ସିନେମା ପରି ସବୁକଥା ଖୋଲି ବୁଝାଉଥିଲା, ବଖାଣୁଥିଲା ଓ ଫେଣେଇ କହୁଥିଲା ।

ଆଜି କିନ୍ତୁ ସେ ଅବସ୍ଥା ଆଉ ନାହିଁ । ସମସ୍ତ ସହିତ ସମତା ରକ୍ଷା ପାଇଁ ପ୍ରଗଲ୍‌ଭ ହୋଇ ଯୁଗରୁଚି ବି ତା'ର ମୋଡ଼ ବଦଳାଇଛି । ଏଥିରୁ ବି ଆଜିକାର ସାହିତ୍ୟ ସାଧକର ନିସ୍ତାର ନାହିଁ । ବିନ୍ଦୁଏ ନିଆଁର ଝୋକ ସମସ୍ତଙ୍କୁ ଅସ୍ଥିର କରି ଜାଳିପୋଡ଼ି ପାଉଁଶ କରିଦେଲାଣି । ଅନ୍ନ ଚିନ୍ତାର ଶେଷହୀନ ତାଡ଼ନାରେ ଆଜି ସେ ତାଡ଼ିତ ତଥାପି ଯେ ଗୁଞ୍ଜନ ତା'ର ସାଧନା । ଠିକ୍ ସେଇମିତି ପାଠକ ବି ଆଜି ବେକାର ନୁହେଁ, ହାତରେ ତା'ର ସମୟ ଖୁବ୍ ଅଳ୍ପ ।

ତେଣୁ ଯୁଗ ପରିବର୍ତ୍ତନର ପରିପ୍ରେକ୍ଷୀରେ ସାହିତ୍ୟ ଦେବ ସିମ୍ବଲ, ପାଠକ ତାକୁ ପୂରଣ କରିବ···ସେ ଦେବ ଇଙ୍ଗିତ, ପାଠକ ରୂପ ଦେବ···ସେ ଦେବ ଦର୍ଶନ, ପାଠକ ତାକୁ କାର୍ଯ୍ୟକାରୀ କରିବ । ସିଏ ଆଉ ଝାଉଁଗଛ ଚନ୍ଦ୍ର, ବସନ୍ତ, ଶରତ ଓ କୋକିଳର ମଧୁସ୍ୱର କାକଳି ଉପରେ ଲେଖି ପାରିବନି—ସେ ଲେଖିବ ହୁଏତ

Digitized by srujanika@gmail.com

ଯୋଜନାବଦ୍ଧ ସମାଜର ସପ୍ତବର୍ଣ୍ଣୀ ଡାକୁଣୀ ଘୋଡ଼ା 'ନର୍ଦ୍ଦମା'ର ଇତିହାସ । ଏଇ ନର୍ଦ୍ଦମା ଦେହରେ ପାଣି ଜମିରହେ । ମଇଳା ଜମିରହେ । ମ୍ୟୁନିସିପାଲିଟି, ଏନ୍., ଏ.ସି, ଙ୍କ ପଞ୍ଜାପୃତର ଧରପଞ୍ଚଙ୍କୁ ଏଥିପାଇଁ ଦୋଷ ଦେଇ ହୁଏ ନାହିଁ । କାରଣ ବହୁ ଦପକ୍ଷ ଓ ବିପକ୍ଷ ସଭ୍ୟଙ୍କ ମତବାଦକୁ ସ୍ୱୀକାର କରିବା ପାଇଁ ସମାଜ ଅଭ୍ୟନ୍ତରର ଏହି ନର୍ଦ୍ଦମା ଶପଥ ନେଇଥାଏ ।

ଏଇ ନର୍ଦ୍ଦମାରେ ଜନ୍ମ ନିଅନ୍ତି କଣ ଜୀବାଣୁ ?

ଏ ନର୍ଦ୍ଦମାରୁ ଜନ୍ମ ନିଅନ୍ତି ମଣିଷ, ଜୀଅନ୍ତା ମଣିଷ··· ଯେଉଁମାନେ କଥା କହନ୍ତି···ଚାଲନ୍ତି···ବସନ୍ତି ଆଉ ହସନ୍ତି । ଅନେକ ହୁଏତ ଏମାନଙ୍କୁ ମଣିଷ ବୋଲି ସ୍ୱୀକାର କରିବେନି । ମଣିଷ ଲିଷ୍ଟରେ ନିଜକୁ ସାବ୍ୟସ୍ତ କରିବା ପାଇଁ ଭୋଟର ଲିଷ୍ଟରେ ଏମାନଙ୍କର ନାମ ହୁଏତ ନାହିଁ । ତଥାପି ଏମାନେ ସଜୀବ ମଣିଷ ସଭ୍ୟସମାଜର ଅନ୍ଧାରୀ ଗଳିର ଉପଜୀବ ।

ସମାଜକୁ ଚିହ୍ନିବାକୁ ହେଲେ ପ୍ରଥମେ ଏ ନର୍ଦ୍ଦମାର ଇତିହାସ ହିଁ ଜାଣିବାକୁ ହେବ । ନର୍ଦ୍ଦମାର ଆହାର ସଂଗ୍ରହ କରନ୍ତି ଏଇ ମଣିଷ ଦଳ । ନଅଙ୍କ ଦୁର୍ଭିକ୍ଷର ଏ କାହାଣୀ ନୁହେଁ । ଏଇ ବିଂଶ ଶତାବ୍ଦୀର ସପ୍ତମ ଦଶକର ଉଜ୍ଜ୍ୱଳ ଜୀବନ୍ତ କାହାଣୀ । ଏମାନେ କେବଳ ନର୍ଦ୍ଦମାରୁ ଭାତ, ରୋଟି ଖୋଜନ୍ତି ନାହିଁ, ଏମାନେ ଖୋଜନ୍ତି ଖଣ୍ଡ ଖଣ୍ଡ ଅଙ୍ଗାର । ଠିକ୍ ହେକଲ୍ କୁକୁର ପରି ନର୍ଦ୍ଦମା ଉପରେ ଆଣ୍ଠେଇ ଗ୍ଲେଟ ଗ୍ଲେଟ କୁଟେଇ ସାହାଯ୍ୟରେ ଏମାନେ କରନ୍ତି ସୁବର୍ଣ୍ଣର ସନ୍ଧାନ । ଏମାନେ ମଣିଷ, ଆମ ବିଂଶ ଶତାବ୍ଦୀର ମଣିଷ । ଏମାନେ ଯେ କୌଣସି କାରଣରୁ ହଜନା କାହିଁକି ସମାଜର ଲୁହାବନ୍ଧା ସଡ଼କ ଉପରେ ଚାଲିପାର ନାହାନ୍ତି ।

Digitized by srujanika@gmail.com

ଫଳରେ ନିଜକୁ କରନ୍ତି ନିନ୍ଦିତ, ବହିଷ୍କୃତ, ବଞ୍ଚିତ, ଲାଞ୍ଛିତ । ନିର୍ମମ ସୃଷ୍ଟି ଛଡ଼ା ଜୀବ ଆଖ୍ୟା କେବଳ ଏଇମାନେ ହିଁ ନେଇନ୍ତି, ଖୁବ୍ ଖୁସିରେ ଗ୍ରହଣ କରନ୍ତି ।

କେତେକ ସେମାନଙ୍କୁ ସମାଲୋଚନା କରନ୍ତି, ଅପବାଦ ଦିଅନ୍ତି, ନିଷ୍ଠୁର ଭାବରେ ଅପଦସ୍ଥ କରନ୍ତି···କିନ୍ତୁ ସେଇମାନେ ହିଁ ସମାଜକୁ କରନ୍ତି ସଚଳ, ସବୁଜ, ସୁରମ୍ୟ ଆଉ ବେଳେ ବେଳେ ଉନ୍ନତ ମଧ୍ୟ । ଏକଥା ହୁଏତ ଅସ୍ୱୀକାର କରିହେବନି ।

ଓଡ଼ିଶାର ଧୂସର ସମାଜର ପୃଷ୍ଠଭୂମିରେ ମାଥ୍ୟୁ, ରାଜ୍,ପ୍ରକାଶ ଏ ସହର ନିସ୍ତ୍ରାପର ମୁଁ ନାମଧାରୀ ମନୁଷ୍ୟ । ସମସ୍ତେ ଗୋଟିଏ ଗୋଟିଏ ଶ୍ରେଷ୍ଠ ଟୀକା । ହେଉ ପଛେ ସାମାନ୍ୟ କିନ୍ତୁ ଉଜ୍ଜ୍ୱଳତା ଠିକ୍ ସେଇମିତି । ପ୍ରୀତିନନ୍ଦା; ନମିତା ସମାଜ ଆଖିରେ ନିନ୍ଦିତ ଭାବରେ ନଷ୍ଟା ଓ କଳଙ୍କିତା । ଏମାନଙ୍କର ବଞ୍ଚିବାର ଅଧିକାର ନାହିଁ ସତ, ତଥାପି ଆମ ସମାଜର ଅନ୍ଧାରି ଜଙ୍ଗଲରେ ଲୁଚିହପି ହୁତାଶନରେ ଜଳପୋଡ଼ି ମରି ଅନ୍ୟକୁ ମାରିବାକୁ ଚେଷ୍ଟାକରୁଥିବା କୁନ୍ତୀ; ମନ୍ଦାକିନୀ, ନିହାରିକା, ଅଳକା, କ୍ଷଣପ୍ରଭା ଓ ସୁପ୍ରଭାମାନଙ୍କ ପାଇଁ ପ୍ରୀତିନନ୍ଦା ଓ ନମିତାର ଜୀବନ କାହାଣୀ ଏକ ଚେତାବନୀ କିମ୍ବା ବିଜ୍ଞପ୍ତି ନୁହେଁ କି ?

ସତ କହିବାକୁ ଗଲେ ଉପର୍ଯ୍ୟୁକ୍ତ ଗଳ୍ପଗୁଡ଼ିକ ଗଳ୍ପ ନୁହେଁ । ନିଶ୍ଚିତଭାବରେ ଯୁଗଗଳ୍ପର ସେମିତି କିଛି ଗଠନଶିଳ୍ପପ୍ରତି ଦୃଷ୍ଟି ଦିଆଯାଇ ପାରିନାହିଁ । ଏତ ଆମର ଖଡ଼ିଛୁଆଁ, ସାଧନାର ମୁଖଶାଳାରେ ହିଁ ଅଟକି ରହିଛୁ । ସିଦ୍ଧି ଆସିନି । ସିଦ୍ଧି ପ୍ରତି ଲକ୍ଷ୍ୟ ବି ଆମର ନାହିଁ । ସୃଷ୍ଟି କରିବା ହିଁ ଅଗ୍ରଗାମୀ ଗୋଷ୍ଠୀର ଏକାନ୍ତ କର୍ତ୍ତବ୍ୟ ।

Digitized by srujanika@gmail.com

ମୁଖବନ୍ଧ ରଚନା ପାଇଁ ବରେଣ୍ୟ କଥାକାର ନାଟ୍ୟକାର ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ଏବଂ ଅଶେଷ ସିଦ୍ଧି ହାସଲ କରିଥିବା ସଂପାଦକ ଓ ସାହିତ୍ୟିକ ଚନ୍ଦ୍ର କୁମାର ଦାସଙ୍କୁ କେଉଁ ଭାଷାରେ କୃତଜ୍ଞତା ଜଣାଇବୁ କିଛି ଭାବିହେଉ ନାହିଁ । ସେ ତ ଏ ବୟସର ସବୁ, ଆମେ ସତରେ କିଛି ନୋହୁଁ । ସେମାନେ ତ ଗୁରୁ, ଉପଦେଷ୍ଟା—ଆମେ ହେଲୁ ଶିଷ୍ୟ, ପ୍ରାୟ ଏକ ରକମର ଅକାଳ କୁଷ୍ମାଣ୍ଡ—ଏ ହାତ ମାନଙ୍କରେ ଖଡ଼ି ଶିଖାଇଲେ ବି ଶିଖିବେ, ଆଉ ବା ଅଧିକ କଣ ହେବ ?

ପ୍ରକାଶକ ବନ୍ଧୁ; ଆମ ଜୀବନରେ ଆମେ ଯେଉଁମାନଙ୍କ ପାଖରେ ସବୁ ଭାବରେ ଋଣୀ ସେହି ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଓ ଅଗଣିତ ଶୁଭ ଓ ଶୁଭାର୍ଥୀ ବନ୍ଧୁମାନଙ୍କ ପାଇଁ ଆମ ପାଖରେ କଣ ବା ଅଛି । ଖାଲି ହାତରେ ଠିଆ ହୋଇଛୁ—ଭବିଷ୍ୟତରେ ସେହିମାନଙ୍କଠାରୁ କାଳେ କିଛି ସାହାଯ୍ୟ ମିଳିବ···ଆମର କଳା ସାଧନା ବଞ୍ଚିବ···ଏଇ ଆଶାରେ ।

। ଇତି ।

ବର୍ଣ୍ଣିତ ସ୍ରଷ୍ଟାମହଲ

ପ୍ରତାପ, ସୁଧାକର,
ସରୋଜିନୀ, ପଦ୍ମ ।

Digitized by srujanika@gmail.com

ମାଟି-ଗୋଡ଼-ପଥରର କାବ୍ୟ

ଶବାଧାର ଚାଲିଛି ଶ୍ମଶାନ ଆଡ଼େ, ପୂର୍ଣ୍ଣିମୀ ରାତ୍ରିର ଉଚ୍ଛୃଙ୍ଖଳ ସମୁଦ୍ର ପରି ଜନତାର କୁହୁଡ଼ ଛୁଟିଛି ଅବଶ୍ରାନ୍ତ ଗତିରେ । ରାସ୍ତା-ଘାଟ କୋଠାବାଡ଼ି ଚାରିଆଡ଼ି ଲୋକାରଣ୍ୟ । ଖାଲି ମଣିଷ ମୁଣ୍ଡ ଆଉ ମୁଣ୍ଡ ।

ଓଡ଼ିଶାର ସେହି ଅଖ୍ୟାତନାମା ସହରରେ ଏଇ ପ୍ରଥମ ଥର ପାଇଁ ଏତେ ବଡ଼ ଜନ ସମୁଦ୍ରର ନୀରବ ଶୋଭାଯାତ୍ରା । ସମସ୍ତେ ନୀରବ । ସମସ୍ତେ ଖାଲି ପଥର ଆଖି ମେଲି ଚାହୁଁଛନ୍ତି ।

ଅପରାହ୍ନ ଆକାଶର ରକ୍ତମିଶା ଦର୍ପଣରେ ସତେ ଯେମିତି ହଜାର ହଜାର ସକରୁଣ ଓ କ୍ଷୁଧିତ ଆଖି ପ୍ରତିଫଳିତ ହେଉଛି ।

ସବୁ ଆଖି ଯେମିତି ରହସ୍ୟ ଜଡ଼ିତ । ଯଦିଓ ଅଧିକାଂଶ ଜାଣନ୍ତିନି ଯେ ଏ କାହାର ଶବାଧାର । ତଥାପି ସେମାନେ ଚାଲି-ଛନ୍ତି ଆଉ ଚାଲିଛନ୍ତି । ହଜାର ହଜାର କ୍ଲାନ୍ତ, ଶ୍ରାନ୍ତ ପାଦ ଆହୁରି ଶିଥିଳ ହୋଇନି ।

କୌଣସି ରାଷ୍ଟ୍ର ନାୟକଙ୍କ ଅନ୍ତିମ ଶୋଭାଯାତ୍ରାକୁ କରୁଣ ଆଉ ବେଦନା ବଧିର କରି ତୋଳିବା ପରି ବିଗୁଲ ବାଦ୍ୟର ମର୍ମଥରା ସ୍ୱର ଲହରୀ ବାୟୁମଣ୍ଡଳର ନୀରବତାକୁ ଭଂଗ କରୁନି, ସବୁକିଛି ସ୍ତବ୍ଧ···ଅବୋଧ ଶିଶୁ ପରି ସମସ୍ତେ ନୀରବ ।

Digitized by srujanika@gmail.com

ଜନତାର ଭିଡ଼ ଖୁବ ବଢ଼ିଗଲାଣି ଏହି ଭିତରେ ! ଶବାଧାର ଆଉ ଆଗେଇ ପାରୁନି । ଜନଗହଳର ଅଭେଦ୍ୟ ଭିଡ଼-ପ୍ରାଚୀର ଠେଲି ମୁଁ ଆଗଉଥିଲି ଶବାଧାର ନିକଟକୁ । ଫିଲ୍ମ ଡ଼ିଭିଜନ ପକ୍ଷରୁ ପ୍ରସ୍ତୁତ ହେବାକୁ ଯାଉଥିବା ପ୍ରାମାଣିକ ଚଳଚ୍ଚିତ୍ରଗୁଡ଼ିକ ପାଇଁ ଚିତ୍ର ଉତ୍ତୋଳନ କରିବା ମୋର ଲକ୍ଷ୍ୟ ଥିଲା । ସେହି ତ ମୋର ପ୍ରାତ୍ୟହିକ ଜୀବନର ଅପ୍ରତିହତ ଧାରା !

ଗୋଟିଏ ହାତରେ କ୍ଲୋଜ ଅପ୍ ସଟ ନେବା ପାଇଁ ମୁଭି କ୍ୟାମେରାଟା କ୍ରମଶଃ ଉପରକୁ ଉଠୁଛି । ଅନ୍ୟ ହାତଟି ସତେ ଯେମିତି ପଛକୁ ପଛ ଭିଡ଼ ହୋଇ ଯାଉଛି । ପଛକୁ ଫେରି ଚାହିଁଲି । ପଛରୁ କିଏ ମୋର ହାତ ଭିଡ଼ୁ ନାହାନ୍ତି ତ ? ହାତ ଭିଡ଼ୁଥିବାର ସଙ୍କେତ ତ ମିଳୁନି । ସେ'ଟା ମୋ ମନର ଗୋଟାଏ ଆକସ୍ମିକ ଭ୍ରମ ବି ହୋଇଥାଇପାରେ । ତେଣୁ ଦୁଇ ହାତରେ କ୍ୟାମେରାକୁ ଶକ୍ତ କରି ଧରି ଶବାଧାରକୁ ଫଟୋ ନେବା ପାଇଁ ପୁଣି ଥରେ ଚେଷ୍ଟା କଲି ।

ଏଥର ବି ଚିତ୍ରୋତ୍ତୋଳନ ଅଧୁରା ରହିଲା, କ୍ୟାମେରାରେ ଏଇଟା ନିହାତି ଶେଷ ରିଲ । ଶୋଭାଯାତ୍ରାର ଦୃଶ୍ୟ ଗ୍ରହଣ କରିବି କି ନା ତାହା ହିଁ ଭାବୁ ଭାବୁ ହଠାତ ସତକୁ ସତ କ୍ୟାମେରାଟିକୁ କରଗତ କରିବା ପାଇଁ ଦୁଇଟି ଶକ୍ତ ଶିରାଯୁକ୍ତ ଲୋମଶ ହାତ ଆଗେଇ ଆସିଲା । ପଛକୁ ସ୍ତମ୍ଭିତ ହୋଇ ଫେରି ଚାହିଁଲି । କ୍ରମଶଃ ମୋ' କ୍ୟାମେରାରେ ଅପରିଚିତ ଲୋମଶ ହାତ ଦୁଇଟି ଶିଥିଳ ହୋଇ ଆସିଲା ।

ମୁଁ ଲକ୍ଷ୍ୟ କଲି ଜ୍ୱଳନ୍ତ ଅଗ୍ନିପିଣ୍ଡ ଭଳି ଦାଉ ଦାଉ ହୋଇ ଜଳି ଉଠୁଥିବା ଆଖି ଦୁଇଟିକୁ···ସେ ଅପରିଚିତ ମଣିଷଟିର ।

Digitized by srujanika@gmail.com

ହଠାତ ରକ୍ତମଖା ନାଲି ଟହ ଟହ ମୁହଁ ଉପରେ ହତାଶା ଆଉ ବ୍ୟର୍ଥତାର ଏକ କଳାଧୂମ ଯେମିତି ଘୁରି ହୋଇଗଲା ମୁହୂର୍ତ୍ତକ ଭିତରେ ।

କେଇଟି ମୁହୂର୍ତ୍ତର ନୀରବତା ପରେ ଅପରିଚିତ ବ୍ୟକ୍ତିଜଣକ କହି ଉଠିଲେ—"ମଣିଷ ଜୀବନରେ ସୂର୍ଯ୍ୟୋଦୟ ଥରେ ହିଁ ଆସେ । ସୂର୍ଯ୍ୟୋଦୟର ସେ ରାଗରଂଜିତ ବର୍ଣ୍ଣମହୋତ୍ସବକୁ ଯଦି ବିଳମ୍ବିତ ମୁହୂର୍ତ୍ତରେ ଧରି ରଖିବାର ଚେଷ୍ଟା କରାଯାଏ ତାହା ହେଲେ ସେ ବର୍ଣ୍ଣୋତ୍ସବ ପ୍ରକୃତରେ ବର୍ଣ୍ଣୋତ୍ସବ ହୋଇ ରହେନି । ଅନ୍ଧାରର କାଳିମା ହିଁ ପ୍ରତିବଦଳରେ କ୍ୟାମେରା ଲେନ୍‌ସ ଆଗରେ ଧରାଦିଏ ।" ଏକ ନିଃଶ୍ୱାସରେ ଏତକ ଅର୍ଦ୍ଧସ୍ପଷ୍ଟ ସ୍ୱରରେ କହି ଦେଇ ସେ ସଂପୂର୍ଣ୍ଣ ଅପରିଚିତ ବ୍ୟକ୍ତି ଜଣକ ବାଟ ଭାଙ୍ଗି ଚାଲି ଯିବାକୁ ଉଦ୍ୟତ ହେଲେ ।

ତାଙ୍କର ଏ ପ୍ରକାର ଦର୍ଶନଧର୍ମୀ ବକ୍ତବ୍ୟର କିଛି କୂଳ କିନାରା ପାଇବା ମୋ ପକ୍ଷରେ ହଠାତ୍ ସମ୍ଭବ ହେଲାନି । ରହସ୍ୟର ବୁଢ଼ିଆଣୀ ଜାଲ ଆହୁରି ଜଟିଳାକାର ଧାରଣ କଲା, ଆଉ ମୁଁ ଖୁବ ଜୋରରେ ଛନ୍ଦହୋଇ ଛଟପଟ ହେବାକୁ ଲାଗିଲି ।

"ଆପଣ କାହା କଥା କହୁଛନ୍ତି ?" କଣ୍ଠରେ ମୋର ଭରି ରହିଥିଲା ଅକଳନ ଆବେଗ ଆଉ ଉତ୍କଣ୍ଠା ।

"ମୁଁ ତା'ର କଥା କହୁଛି ଯାହାର ଶେଷ ସ୍ମୃତିକୁ ସାଇତି ରଖିବା ପାଇଁ ଆପଣଙ୍କ ମୁଭି କ୍ୟାମେରାଟି ଏଇ କେଇ ମିନିଟ ତଳେ ବ୍ୟସ୍ତତାର ସୀମା ସ୍ପର୍ଶ କରିଥିଲା । ଯେଉଁ ମଣିଷଟି ଆଜି ଅସ୍ତ ଯାନ,

Digitized by srujanika@gmail.com

ସ୍ଥାନ, ଅଖୋଜା, ଅଲୋଡ଼ା ଓ ସେ ଅପାଂକ୍ତେୟ ମରୁଦୁବା ପରି ଜୀବନ ସାହାରାରେ କ୍ଳାନ୍ତ, ଶ୍ରାନ୍ତ ପଥଭ୍ରଷ୍ଟ ହୋଇ ମୃଗତୃଷ୍ଣାର ଅନ୍ୱେଷଣରେ ଦିଗନ୍ତର ସୀମା ସରହଦ ସେପାଖକୁ ଚାଲିଗଲା — ତା'ର ଖବର ପୂର୍ବରୁ ଆପଣ କେବେ ଜାଣିବାର ଚେଷ୍ଟା କରିଛନ୍ତି କି ? ଚେଷ୍ଟା କରନ୍ତେ ବା କାହିଁକି ?

ଯେଉଁ କେତେଜଣ ଲୋକ ଯେ କୌଣସି କାରଣରୁ ହେଉନା କାହିଁକି ସମାଜର ଲୁହା-ବନ୍ଧା ସଡ଼କ ଉପରେ ନ ଯାଇ ନିଜକୁ କରନ୍ତି ନିଃସ୍ୱ, ବିକ୍ଷିପ୍ତ, ବିପର୍ଯ୍ୟସ୍ତ, ବିଚ୍ୟୁତ ଆଉ କକ୍ଷଚ୍ୟୁତ, ସେମାନେ ତ ସବୁବେଳେ ସମାଲୋଚିତ, ଅପବାଦଗ୍ରସ୍ତ !

ମଣିଷ ଭାବରେ ଜନ୍ମ ହୋଇ ବି ଯେ ବଞ୍ଚିବାର ସୁଯୋଗ ପାଇନି, ଯେ ତା'ର ଜୀବନ ପଥରେ ଗୋଟିଏ ହେଲେ ସହଯାତ୍ରୀ କିମ୍ବା ସାଥିର ସାହଚର୍ଯ୍ୟ ପାଇନି, ତାର ଅନ୍ତିମ ବିଦାୟ ବେଳେ ବିରାଟ ଏକ ଶୋଭାଯାତ୍ରାର ପସରା ବସିବା କେଉଁ ଯୁକ୍ତିରେ ସଭ୍ୟ ମାନବର କରଣୀୟ ?"

"ଆପଣ କଣ ତାଙ୍କୁ ଭଲ ଭାବରେ ଜାଣନ୍ତି ?" ଉତ୍କଣ୍ଠିତ ହୋଇ ପଚାରିଲି ମୁଁ ।

ସେ କହିଲେ, "ହଁ ; ଜାଣିଛି ବୋଲି ତ କହୁଛି । ନ ଜାଣିଥିଲେ ହୁଏତ ଭଲ ହୋଇଥାଆନ୍ତା, ଠିକ ଯେମିତି ଆପଣ ତାଙ୍କ ବିଷୟରେ କିଛି ଜାଣିବାର ଚେଷ୍ଟା କରି ନ ଥିବାରୁ ଅନ୍ତତଃ ପକ୍ଷେ ଜୀବନର ଚଲା ପଥରେ ଅଣନିଶ୍ୱାସୀ ହୋଇ ନାହାନ୍ତି କିମ୍ବା ମାନସିକ ଭାର-ସାମ୍ୟ ହରାଇ ନାହାନ୍ତି ।

ସେ ଏମିତି ଗୋଟାଏ ମଣିଷ, ଯାହା ପାଇଁ ଆପଣ ଗର୍ବ ଅନୁଭବ କରିବେ କି ନା ମୁଁ ଜାଣେନା—ଏହି ଦେଶର ପାଣି

Digitized by srujanika@gmail.com

ପବନ ଓ ରଜୋବଣ ମୃତ୍ତିକାରୁ ରସ ଶୋଷଣ କରି ସେ ମଣିଷ ହୋଇଛି । ଏଇ ମାଟିର ମଣିଷ ପରି ମଣିଷକୁ ଆପଣାର କରି ପାଖରେ ପାଇବା ପାଇଁ ଚେଷ୍ଟା କରୁଛି—''

''ଆପଣ କାହା କଥା କହୁଛନ୍ତି ?'' ବ୍ୟସ୍ତ ହୋଇ ପଚାରି ବସିଲି ମୁଁ । କାରଣ ଯେ କୌଣସି ରହସ୍ୟ ଉପନ୍ୟାସର ପୃଷ୍ଠା ଓଲଟେଇଲା ବେଳେ ବି ଏମିତି ରହସ୍ୟାଚ୍ଛନ୍ନତା ମୁଁ ଅନୁଭବ କରି ନ ଥିଲି ଯାହାକି ଏଇ ମୁହୂର୍ତ୍ତରେ ଅନୁଭବ କରିବାକୁ ଯାଉଛି ।

ମୋର ଅତି ବ୍ୟସ୍ତତା ଆଉ ଧମୋତ୍ତୀର୍ଣ୍ଣ ଅସ୍ଥିରତା ଦେଖି ସେ କହିଲେ, ',ସେହି ନିଃସ୍ୱ ମଣିଷଟି ହେଉଛି ମାଥ୍ୟୁ । ବିଦେଶାଗତ କଳାକାର ଜନ ମାଥ୍ୟୁ । ଜନ୍ମ ତାର ଏହି ଭାରତରେ । ବାପ ମା ତାର ପର୍ତ୍ତୁଗୀଜ ବୋଲି ସେ କହେ । ବାପ ମା ତା'ର ଗୁଲିଗଲେ ନିଜ ଜନ୍ମ ମାଟି ପର୍ତ୍ତୁଗାଲକୁ । ମାଥ୍ୟୁ କିନ୍ତୁ ଛାଡ଼ି ପାରିଲାନି ଏ ମାଟିର ସ୍ନେହ ଆଉ ମମତା । ଯେଉଁ ମାଟି ତାକୁ କଳାକାର କରି ଗଢ଼ି ତୋଳିଛି, କଣ୍ଠରେ ତା'ର ଲହରୀ ତୋଳିଛି, ସେ ମାଟିର ନିବେଦନକୁ ସେ ପଦାଘାତ କରି ଯାଆନ୍ତା ବା କିଆଁ ?

ଶେଷକୁ ସେ ଭାରତରେ ହିଁ ରହିଛି । କଲିକତା ମହାନଗରୀର ଗଳିକନ୍ଧି, ସାହି ସାହି ସେ ଘୁରି ବୁଲିଛି ଶିଖିବା ପାଇଁ କବିବର ରବୀନ୍ଦ୍ରଙ୍କ ପ୍ରସିଦ୍ଧ କବିଗାନ ।

କୋଉଠି ହେଲେ ସେ ଖୋଜି ପାଇନି କଳ୍ପିତ ସାଧନା ମନ୍ଦିର । କେହି ହେଲେ ତାକୁ ଶିଖେଇବାକୁ ଚେଷ୍ଟା କରି ନାହାନ୍ତି କବିଗାନ । ଶିଖେଇବା ତ ଦୂରର କଥା ବରଂ ପ୍ରତିବଦଳରେ କଳା ଓ ସଙ୍ଗୀତର ଏକଚାଟିଆ ବାଣିଜ୍ୟ ଚଳାଉଥିବା ତଥାକଥିତ

Digitized by srujanika@gmail.com

ସାଧକମାନେ ବ୍ୟଙ୍ଗ ବଜ୍ର ଉପର ଶର ନିକ୍ଷେପ କରି ମାଥ୍ୟୁଙ୍କ ବିକାଶୋନ୍ମୁଖୀ କଳାପ୍ରାଣ ନିଷ୍ପାପ ଶିଶୁଟିକୁ ରକ୍ତାକ୍ତ କରି-ଛନ୍ତି । ମାଥ୍ୟୁ କିନ୍ତୁ ବିଷସବୁ ଅମୃତ ଭାବି ନିଃଶେଷ କରିଛନ୍ତି । ଅଦୃଶ୍ୟ ଆଉ ଅଦେଖା ହାତର ଇଙ୍ଗିତ ପାଇଁ ଯୁଗ ଯୁଗର ସଞ୍ଚିତ ପର୍ବତେ ପ୍ରମାଣ ଆଶା ନେଇ ଆସିଛନ୍ତି ଏଇ ଉତ୍କଳ—ଅବଶ୍ୟ ପଳାତକ ଭାବରେ ।

ପଳାତକ ହେବା ଛଡ଼ା ଆଉ ବା ସେ କଣ କରି ଥାଆନ୍ତା ? ଯାଯାବର ମନ, ଛନ୍ଦହୀନ ସୁର ଆଉ ଉଲଗ୍ନ ଆତ୍ମା ନେଇ ମାଥ୍ୟୁ ଆସି ଏହି ଛୋଟିଆ ସହରର ଉପକଣ୍ଠରେ ପାଦ ଦେଇଥିଲି ଅନେକ ବର୍ଷ ତଳେ । ସେ ଦିନର ସ୍ମୃତିସବୁ ମନେପଡ଼େ ମୋ' ସ୍ନାୟୁର ସହରରେ କ୍ରମାଗତ ଭାବରେ ଶାନ୍ତିଭଙ୍ଗ ଘଟିଛି । ଆଜି ବି ଘଟିବ । ତମେ କ'ଣ ମୋର ଶାନ୍ତି ଚାହଁ ନା ? ତମେ କଣ ଚାହୁଁଛ ଆଉ ଥରେ ମୋର ସ୍ନାୟୁର ସହର ବିକ୍ଷୋଭିତ ହୋଇଉଠୁ ? ଝଡ଼ ଆସୁ, ଆଘାତ କରୁ, ଅ.ଉ ଭୂଲୁଣ୍ଠିତ ହୋଇ ମୁଁ ଚିତ୍କାର କରେ ? ଜୀବନଠାରୁ ଦୂରେଇ ଯିବା ପାଇଁ ମାଥ୍ୟୁ ପରି ପଳାତକ ସାଜେ ?"

"ଆପଣ ଯଦି କିଛି ନ କହନ୍ତି ତାହେଲେ ମାଥ୍ୟୁର ଜୀବନ କାହାଣୀ ଯେ ସବୁଦିନ ପାଇଁ ଅନ୍ଧାରର ନିଷିଦ୍ଧ ଇଲାକାରେ ବନ୍ଦୀ ହୋଇ ରହିଯିବ ! ଆପଣ କ'ଣ ଚାହାନ୍ତିନି ଯେ ମାଥ୍ୟୁ ଜୀବନରୁ ଆମର କିଛି ଶିଖିବାର ଥାଇପାରେ ?"

ଏଇ ଥିଲା ମୋର ଯୁକ୍ତି । ମୋର ଏ ପ୍ରକାର ଅକାଟ୍ୟ ଯୁକ୍ତି ଆଉ ଦୃଢ଼ତା ଦେଖି ସେ ସ୍ୱର ସଂଯୋଗ କଲେ ମାଥ୍ୟୁ ଜୀବନର ଭଙ୍ଗା ବେହେଲାରେ ।

Digitized by srujanika@gmail.com

"ସେଦିନର ଏକ ଶ୍ରାବଣ ସନ୍ଧ୍ୟାର କଥା । ହଠାତ ଗୁହ୍ମ ଗୁହ୍ମ ଭୂତ ପରି ମାଡ଼ି ଆସିଲା ଭେଳା ଭେଳା ମେଘ । ଆକାଶ ଗୁମ୍ବରେ ଲେସି ହୋଇଗଲା କୋଇଲାଠାରୁ ଆହୁରି କଳା ଝୁଲନ୍ତ ମେଘମାଳା । ଆସନ୍ନ ବର୍ଷାର ଧକ୍କାରୁ ଟିକିଏ ବଞ୍ଚିଯିବା ପାଇଁ ଉଠିଗଲି ଶିବ ମନ୍ଦିର ମଣ୍ଡପ ଉପରକୁ । ବାହାରେ ବର୍ଷାର ପ୍ରଳୟଙ୍କରୀ ନୃତ୍ୟ । ବର୍ଷା ନାଚୁଛି, ତା ସହିତ ଶିଳ ଶିଳ କୋହଳି ବାୟୁ ତରଙ୍ଗର ହିଲ୍ଲୋଳ ।

ହଠାତ ଝାପସା ଅନ୍ଧାର ଭିତରେ ଘୂରନ୍ତ ଆଖି ମୋର ସ୍ଥିର ହୋଇ ରହିଗଲା ନବାଗତ ମାଥୁ୍ୟ ଉପରେ । ସାମାନ୍ୟ କିଛି ଆଲୋଚନା ପରେ ଆମେ ପରସ୍ପରର ନିଜ ଅଜାଣତରେ ଘନିଷ୍ଠ ହୋଇ ଉଠିଲୁ । ସତେ ଯେମିତି ବିଗତ ଜନ୍ମରେ ବି ଆମେ ଦୁହେଁ ସହପାଠି ଥିଲୁ । ମୁଁ ତାକୁ ଆମର ଘରେ ଆତିଥ୍ୟ ପାଇଁ ଅନୁରୋଧ କରିଥିଲି; ସେ କିନ୍ତୁ କୌଣସି ମତେ ସମ୍ମତ ହୋଇ ପାରିଲାନି ମୋ କଥାରେ । ତା'ର ଯୁକ୍ତି ଥିଲା, ଯେହେତୁ ସେ ପର୍ତ୍ତୁଗୀଜ ରକ୍ତରୁ ସୃଷ୍ଟି, ତେଣୁ ଦେଶପ୍ରେମୀ ଉତ୍କଳୀୟମାନେ ତାକୁ ଘୃଣା କରିବେ । ଲୋକେ କଣ ବିଶ୍ୱାସ କରିବେ ଯେ ପର୍ତ୍ତୁଗୀଜ ଜଳଦସ୍ୟୁର କୁତ୍ସିତ କାମନାର ସେ ଏକ ନବତମ ସଂସ୍କରଣ ନୁହେଁ ?

କିନ୍ତୁ ତାର କ୍ରମଶଃ ବେଦନାରେ ସ୍ୱରିହାନ୍ତ ହୋଇ ନିମ୍ନମୁଖୀ ହେବାର ମୁଁ ଲକ୍ଷ୍ୟ କଲି ।

ଯେତେ ବୁଝାଇଲେ ବି ତା ଯୁକ୍ତି ଆଗରେ ମୁଁ ହାରିଗଲି । ବର୍ଷାର ଅଶାନ୍ତ ନୃତ୍ୟର ତାଳ କ୍ରମଶଃ ବେଖାପ ହୋଇ ଆସିଲା । ଆକାଶ ପୁଣି ପରିଷ୍କାର ହେଲା । ଆମେ ସହରର ଉଚ୍ଚ ଅଞ୍ଚଳରେ

Digitized by srujanika@gmail.com

ଥିବା ଶ୍ରମିକ ବସ୍ତି ଆଡ଼କୁ ଚାଲିଲୁ । ସେଇ ବସ୍ତିରେ ହିଁ ସେ ରହିଲା ।

ଯଦି କେବେ ରାତିର ଶେଷ ଯାମରେ ନିର୍ଜନ ନିଥର ସ୍ଥିର ଜଳରେ ତରଙ୍ଗ ସୃଷ୍ଟି ହେଲା ଭଳି ବେହେଲାର କରୁଣ ରାଗିଣୀ ଆହତ କପୋତ୍ତ ପରି କଳପି ଉଠେ, ତାହେଲେ ବସ୍ତି ଅଞ୍ଚଳରେ ସମସ୍ତେ ଜାଣନ୍ତି ଯେ ମାଥ୍ୟୁ ସାହେବ ସକାଳର ନିତ୍ୟକର୍ମ ସାରି କ୍ଲବ ଘରକୁ ଚାଲି ଗଲେଣି । ମା'ମାନେ ନିଜ ନିଜ ପିଲମାନଙ୍କୁ ଶେଯରୁ ଉଠାଇବା ପାଇଁ ଚଞ୍ଚଳ ହୋଇ ଉଠନ୍ତି । ଗୃହିଣୀମାନଙ୍କର କଂସା ବାସନ ମାଜିବାର ଠନ୍ ଠନ୍ ଶବ୍ଦ ସାଙ୍ଗକୁ ନବବଧୂମାନଙ୍କର କାଚ ଝଣ ଝଣ ହେବାର ଶବ୍ଦ ଶୁଣାଯାଏ ।

ନିର୍ଜୀବ ଶ୍ରମିକ ବସ୍ତିଟି ଆସନ୍ନ ସ୍ୱର୍ଣ୍ଣ ସକାଳକୁ ସ୍ୱାଗତ ଜଣାଇବାକୁ ଚଞ୍ଚଳ ହୋଇ ଉଠେ । ସୂର୍ଯ୍ୟୋଦୟ ପୂର୍ବରୁ ସମସ୍ତେ ଯାଇ ରୁଣ୍ଡି ହୁଅନ୍ତି କ୍ଲବ ଘରେ । ମୀରା ଭଜନ, ରବୀନ୍ଦ୍ର ସଙ୍ଗୀତ ଓ କବିସୂର୍ଯ୍ୟ ଜଣାଣର ତାଳେ ତାଳେ ବିଭୋର ହୁଅନ୍ତି ଶ୍ରମିକ ବସ୍ତିର ଆବାଳବୃଦ୍ଧବନିତା । ନତଜାନୁ ହୋଇ ପ୍ରଣାମ ଜଣାନ୍ତି ନବୋଦିତ ଲୋହିତ ସୂର୍ଯ୍ୟଙ୍କୁ । ପ୍ରାଣରେ ଭରି ଉଠେ ଅପୂର୍ବ ଓ ଓ ଅନନୁଭୂତ କର୍ମ ଚଞ୍ଚଳତା ।

ସାରା ଦିନର କ୍ଳାନ୍ତିର ଅପନୋଦନ ପାଇଁ ସନ୍ଧ୍ୟାର ପ୍ରାକ୍କାଳିନ-ଜାରରେ ଦଳ ଦଳ ହୋଇ ଆସନ୍ତି ଯୁବକ ଯୁବତୀଗଣ । ବସିଠି ଏକ ଆସର ବସେ କ୍ଲବ ଘରେ । ସମ୍ବାଦ ଆଲୋଚନା ପରେ ଆରମ୍ଭ ହୁଏ ସଙ୍ଗୀତ ଶିକ୍ଷା ।

ଏଇମିତି ପ୍ରାତ୍ୟହିକ ଜୀବନରେ କର୍ମ ଜଞ୍ଜାଳର ବ୍ୟସ୍ତତା ଭିତରେ ଅନ୍ୟକୁ ହଜାଇ ଓ ନିଜେ ହଜି ମାଥ୍ୟୁ ଜୀବନର ଶୂନ୍ୟତା

Digitized by srujanika@gmail.com

ଭରି ଉଠେ ଅନନୁଭୂତ ଆନନ୍ଦରେ । ବଞ୍ଚିବା ପାଇଁ ଇଚ୍ଛା କ୍ରମଶଃ ପ୍ରବଳ ହୁଏ ।

ତା'ପରେ ଆସିଲା ମାଥ୍ୟୁ ଜୀବନର ଏକ ଚରମ ପରୀକ୍ଷାର ମୁହୂର୍ତ୍ତ । ସହରାଂଚଳର ସଂଗୀତ ସମାରୋହ ତରଫରୁ ମାଥ୍ୟୁଙ୍କୁ ଆସିଲା ଡାକରା ଏକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ।

ଖୁବ ସହଜ ଆଉ ସରଳ ଭାବରେ ମାଥ୍ୟୁ ଗ୍ରହଣ କଲା ସେ ନିବେଦନ । ଶ୍ରମିକ ବନ୍ଧୁମାନଙ୍କର ବାରଣ ସତ୍ତ୍ୱେ ସେ ପ୍ରତ୍ୟାଖ୍ୟାନ କରି ପାରିଲାନି ସଂଗୀତ ସମାରୋହର ପ୍ରତିଯୋଗୀମାନଙ୍କର ନିବେ-ଦନକୁ । କଳାକାର ଜୀବନର ବ୍ୟାପକତା ଭିତରେ ଅନ୍ୟ ପ୍ରତି ସନ୍ଦେହ ରହନ୍ତା ବା କାହିଁକି ?

ତୀବ୍ର ଆଉ ଉତ୍ତେଜନାମୟ ବାତାବରଣ ଭିତରେ ଶେଷରେ ମାଥ୍ୟୁ ହେଲା ବିଜୟୀ । ପର୍ତ୍ତୁଗୀଜ କଳାକାର ମାଥ୍ୟୁ ମନେ ମନେ କୃତଜ୍ଞତା ଜଣାଇଲା କଳା ଓ ସଂଗୀତର ଆଦିପୀଠ ଉତ୍କଳର ଅତୀତ ଐଶ୍ୱର୍ଯ୍ୟକୁ । ସ୍ୱପ୍ନ ତାର ସାର୍ଥକ ହୋଇଛି ।

ଠିକ ତା' ପରଦିନ ସୂର୍ଯ୍ୟୋଦୟର ପୂର୍ବ ମୁହୂର୍ତ୍ତର ଘଟଣା । ଶ୍ରମିକ କଲୋନୀର ପାହାନ୍ତି ଆକାଶକୁ ଧୂମାୟିତ କରି ଜଳୁଛି କ୍ଲବ ଘର । ଦଙ୍ଗପାଳ ଭଳି ମାଡ଼ି ଆସିଲେ ଶ୍ରମିକ ବସ୍ତିର ଆବାଳବୃଦ୍ଧ ବନିତା । ସାରା ସହରଟା ସାକର ଲୋକ ଜମା ହେଲେ । ସମସ୍ତଙ୍କ ମୁହଁରେ ଗୋଟିଏ କଥା—ମାଥ୍ୟୁ କାହିଁ ? ସତରେ ମାଥ୍ୟୁ କାହିଁ ? କେହି କହି ପାରିଲେନି ମାଥ୍ୟୁ କାହିଁ । ବ୍ୟାପକ ଅନୁସନ୍ଧାନ ଚାଲିଲା । ଶେଷରେ ସ୍ତୁପୀକୃତ ପାଉଁଶ ତଳୁ କେବଳ ଉଦ୍ଧାର

Digitized by srujanika@gmail.com

କଚାଗଲା ମାଥ୍ୟୁର ପ୍ରିୟ ବେହେଲା । ଦୁଇଖଣ୍ଡ ହୋଇ ଭାଙ୍ଗି ଦଉ-ଡ଼ୋଡ଼ା ହୋଇ ମଶାଣି ଭୂଇଁର ମାଟିଉପର ଗଡ଼ୁଥିଲା ସେଇଟା ।

ସେଇଦିନଠାରୁ ମାଥ୍ୟୁର ସନ୍ଧାନ ଆଉ କେହି ପାଇଲେନି । ଅନ୍ୟମାନେ ହୁଏତ ବିଂଶ ଶତାବ୍ଦୀର ଏ ତୀବ୍ର ପ୍ରତିଯୋଗିତାମୟ କର୍ମବ୍ୟସ୍ତତା ଭିତରେ ମାଥ୍ୟୁର ସ୍ମୃତିକୁ ଭୁଲି ଯାଇଥିବେ, କିନ୍ତୁ ମୁଁ ଓ ଶ୍ରମିକ କଲୋନୀର ଶ୍ରମିକମାନେ କେବେ ହେଁ ଭୁଲି ପାରିନାହୁଁ ମାଥ୍ୟୁକୁ କିମ୍ବା ତାର ସଂଗୀତକୁ ।

ନଈ ସୁଅ ପରି ଗୃହୁଁ ଗୃହୁଁ ବର୍ଷା ବସନ୍ତର ଧକ୍କା ଖାଇ ଅନେକ ବର୍ଷ ବିତିଗଲା । ଅଗ୍ନି ସଂଯୋଗ ଅପରାଧରେ ସଂଗୀତ ସମାରୋହର କେତେଜଣ କଳାକାର ବି ଗିରଫ ହେଲେ । ସେମାନଙ୍କର ବିଚାର ଚାଲିଲା ଏସ, ଡ଼ି. ଓ କୋର୍ଟରେ । ସେମାନେ ସବୁ ବର୍ତ୍ତମାନ ଜେଲରେ ଅଛନ୍ତି ।

ଏଇ କାଲି ମୁହଁ ସଞ୍ଜବେଳର କଥା । ଶ୍ରମିକ ବସ୍ତିର ସ୍ତ୍ରୀମାନେ ପୋଖରୀକୁ ପାଣି ପାଇଁ ଯିବାବେଳେ ଝାପ୍‌ସା ଆଲୁଅରେ ଦେଖିଲେ ଲମ୍ବ ପଡ଼ିଆର ବଉଳ ଗଛ ତଳେ ଜମା ହୋଇଥିବା ପାଉଁଶ ଗଦା ଉପରେ ଶୋଇଛି ମାଥ୍ୟୁ । ଗୃହୁଁ ଗୃହୁଁ ଏ ଘଟଣା ମୁହୂର୍ତ୍ତକ ଭିତରେ ସହରଯାକ ବିଦ୍ୟୁତର ଚମକ ଭଳି ଖେଳିଗଲା ଏପଟରୁ ସେପଟ ।

ମୋ ସ୍ତ୍ରୀ ଝାଳନାଳ ହୋଇ ଦଉଡ଼ି ଆସି କହିଲେ ମାଥ୍ୟୁ ଆସିଛି ବୋଲି । ପ୍ରଥମେ ମୁଁ ଅବଶ୍ୟ ବିଶ୍ୱାସ କଲିନି । ମନ ମୋର ଅସ୍ଥିର ହେଲା । କଣ୍ଢା ଅରମା ଡ଼େଇଁ, ଗଳି ରାସ୍ତା ଦେଇ ଦଉଡ଼ିଲି ଶ୍ରମିକ ବସ୍ତି ଆଡ଼େ । ଜନତାର ଭିଡ଼ ଠେଲି ଆଗକୁ ମାଡ଼ି ଚାଲିଲି

Digitized by srujanika@gmail.com

ପାଗଳଙ୍କ ଭଳି । ମାଥ୍ୟୁ କିନ୍ତୁ ବଞ୍ଚି ନ ଥିଲା ମୋତେ ସ୍ୱାଗତ ଜଣାଇବା ପାଇଁ । ମୁହଁ ଆଉ ହାତ ଦୁଇଟି ଯୋଡ଼ହସ୍ତରେ ତଳ ପଡ଼ିଥାଏ ମାଟି ଉପରେ । ସତେ ଯେମିତି ସେ କୋଣାର୍କର ନର୍ଜାବ ପଥରମୂର୍ତ୍ତି ଭଳି ଯୋଡ଼ ହସ୍ତରେ ମତେ ସ୍ୱାଗତ କରୁଛି, କୃତଜ୍ଞତା ଜଣାଉଛି କଳାର ପୃଷ୍ଠପୋଷକ ଉତ୍କଳୀୟ ପରମ୍ପରାର ଅଂଶବିଶେଷ ସାରା ସହରର ଜନତାଙ୍କୁ । ପଥରଖୋଳା ସମୁଦ୍ର ମୀନ ଆଖି ଦୁଇଟା ଦୁଇଟି ମୀନମୁକ୍ତା ଭଳି ଜହ୍ନ ଆଲୁଅର ଝିଲମିଲ ରୋଷଣୀ ଭିତରେ ଜଳି ଉଠି ଲିଭି ଯାଇଥିଲା ସମ୍ବେଦନ ପାଇଁ ।

ତାର ଦୁଇ ଶକ୍ତ ହାତ ଭିତରେ ଗୁପ୍ତ ହୋଇ ରହିଥିବା ଖଣ୍ଡିଏ ବଡ଼ କାଗଜ ପଢ଼ୁ ପଢ଼ୁ ଜଣାଗଲା ଯେ ସେଇଟା ହେଉଛି ତାଉନଂ ଷ୍ଟ୍ରୀଟରେ ଥିବା ମାଥ୍ୟୁର ପିତୃ ମାତୃ ଅମଳର ମାଥ୍ୟୁ ନିବାସର ଉଇଲ୍-ସଙ୍ଗୀତ ସମାରୋହ ଉଦ୍ଦେଶ୍ୟରେ ।

× × ×

ରାସ୍ତା କଡ଼ର ମାର୍କେଟ ବିଲ୍ଡିଂ ଘଣ୍ଟାରେ ଠନ ଠନ ହୋଇ ବାଜିଲା ସାତଟା । ଧ୍ୟାନ ସ୍ତିମିତ ଋଷିର ମୌନତା ମୋର ଭାଙ୍ଗି-ଗଲା । ଉପସ୍ଥିତ ବୃଦ୍ଧ ନାବିକ କେତେଜଣ ବିକ୍ଳ ବୁଲିଗଲେଣି ବୋଧ-ହୁଏ । କୋଠାବାଡ଼, ରାସ୍ତା କଡ଼ର କୃଷ୍ଣଚୂଡ଼ାର ଶାଖାରେ ଶାଖାରେ ମେଞ୍ଚା ମେଞ୍ଚା ଅନ୍ଧାର ।

ତରବରରେ ଚାଲିଲି ସଜାଡ଼ି ଫର୍ମୋଟା ଯେମିତି ହେଲେ ନେଇଯିବାକୁ ଉଠିଲି ଆଗକୁ । ଶବାଧାର ଓ ଜନସମୁଦ୍ର ବୋଧ-ହୁଏ ଅନେକ ବେଳୁ ବୁଲିଗଲେଣି ।

Digitized by srujanika@gmail.com

ଚାରିଆଡ଼େ ଅନ୍ଧାର ଆଉ ଅନ୍ଧାର । ରାସ୍ତାକଡ଼ର ବତିଖୁଣ୍ଟ ଗୁଡ଼ିକର ଆଲୁଅ ନିଷ୍ପ୍ରଭ । ମାଥ୍ୟୁର ଅନ୍ତିମ ଯାତ୍ରାର ଅନ୍ତିମ ସଙ୍କେତ ମୁଁ ତୋଳିଧରି ପାରିଲିନି କ୍ୟାମେରାର ଲେନ୍‌ସରେ ।

ତା ପରଦିନର ଏକ ଦୈନିକ ସମ୍ବାଦପତ୍ରର ଅଗ୍ରଲେଖାରେ ଲେଖାଥିଲା—"ପର୍ତ୍ତୁଗୀଜ କଳାକାର ଜନ୍ ମାଥ୍ୟୁ—ମାଟି, ଗୋଡ଼ି ପଥର ପରି ଲକ୍ଷ ପାଦରେ ଦଳି ହୋଇ ମାଟିରେ ମିଶିଗଲା ତା'ର କଳା ଓ କଳ୍ପନା ।" ମନେ ମନେ ଭାବିଲି ମାଥ୍ୟୁ ଉପରେ ଗୋଟାଏ ଉପନ୍ୟାସ ବି ଲେଖା ଯାଇପାରେ, ଯେହେତୁ ତା' ଜୀବନଟା ଏକ ସ୍ୱୟଂ ସମ୍ପୂର୍ଣ୍ଣ କାବ୍ୟ ।

Digitized by srujanika@gmail.com

ପୃଷ୍ଠ ଓ ପଶ୍ଚାତ

ଗୋଲେଇ ଛକ ।

ନୂଆ ରାଜଧାନୀର ଗୋଲେଇ ଛକ ।

ଚାରିଦିଗରୁ ଚାରିଟା ପିଚୁଢଳା ରାସ୍ତା ଆସି ମିଶିଯାଇଛନ୍ତି ଏଇଠି । ସତେ ଯେମିତି କଳା କଳା ଅଜଗର ସାପ ଚାରିଟା ଚାରି-କାତ ମେଲାଇ ଅବଶ ହୋଇ ପଡ଼ି ଯାଇଛନ୍ତି ।

ଦିନବେଳେ ଏଠି ଲୋକମାନଙ୍କର ଭାରି ଗହଳି । ସେକ୍ରେ-ଟେରିଏଟ୍‌ର ଅଫିସବେଳ ଭାଙ୍ଗିଲେ ଲୋକମାନଙ୍କର ଯିବା ଆସିବାର ସୁଅଟା କ୍ରମଶଃ ପତଳା ପଡ଼ିଆସେ ।

ମାର୍କେଟ ପାଖ ବଡ଼ ଘଣ୍ଟାଟାରେ ଠନ୍ ଠନ୍ ହୋଇ ଆଠଟା ବାଜିଲା ବେଳକୁ ରାସ୍ତା କଡ଼ର କୃଷ୍ଣଚୂଡ଼ା ଗଛ, ବତୀଖୁମ୍ବ ଓ ସରକାରୀ କୋଠାବାଡ଼ିର କୋଣ ଅନୁକୋଣରେ ଖୁନ୍ଦ ହୋଇ ଆସେ ମେଞ୍ଚା ମେଞ୍ଚା ଅନ୍ଧାର । ମଲା ଲୋକର ନିର୍ଜୀବ ଓ ପାଣ୍ଡୁର ମୁହଁରେ ଜୀବନ ପ୍ରତି ଉପହାସର ଶେଷ ଚିହ୍ନ ସ୍ୱରୂପ ଲାଗି ରହି-ଥିବା ଚେନାଏ ହସ ପରି ବତୀଖୁଣ୍ଟରୁ ଓହଲମ୍ବି ହୋଇ ଝୁଲିରହିଥିବା ନିଅନ ଆଲୁଅ ଗୁଡ଼ିକ ଅନ୍ଧାର ସହିତ ଯୁଦ୍ଧ କରି ଶେଷରେ ନିର୍ଜୀବ ଭାବରେ ଝୁଲିରହି ଆତ୍ମହତ୍ୟା କରିବାର ଉପକ୍ରମ କରୁଛନ୍ତି । ଆଲୁଅର ଏତେ ରୋଷଣୀ ସତ୍ତ୍ୱେ ଅନ୍ଧକାରର ଅଭେଦ୍ୟ ଦୁର୍ଗକୁ

Digitized by srujanika@gmail.com

ଭଙ୍ଗି ହୁଏନା । ଚୌରଙ୍ଗୀ ପାଖର କିଛି ଅଂଶ ଯାହା ଆଲୋକିତ ରହେ, ସେତ ଯେମିତି ଜହ୍ନରାତିର ପସରା ବସିଛି ସବୁଦିନ । ତାପରେ ଆଲୁଅ ଓ ଅନ୍ଧାର ଭିତରେ ସତେ ଯେମିତି ଟଣା ହୋଇଛି ଏକ ପ୍ରାଗୈତିହାସିକ ସୀମାରେଖା ।

ଏଇ ଆଲୁଅ ଅନ୍ଧାରର ମ୍ୟାକ୍‌ମୋହନ ରେଖା ଅତିକ୍ରମ କରି ଅନେକ ଯାଆନ୍ତି ଅନେକ ଆସନ୍ତି । ପ୍ରତ୍ୟେକ ମଣିଷ ଯେତେ କଦର୍ଯ୍ୟ ହୋଇଥାଉନା କାହିଁକି ; ଏଇ କେତେ ଗଜ ଭିତରେ ସେମାନଙ୍କର ନିର୍ମଳ ଅଂଶଟା ଆଶାତୀତ ଭାବରେ ଉଜ୍ଜ୍ୱଳ ଉଠେ, ଖୁବ ଝଟାପଟା ଦିଶେ । ସତେ ଯେମିତି ଜହ୍ନ ଆଲୁଅରେ ଏତେ ଟିକେ ବି କଳଙ୍କ ନାହିଁ ! ଚୌରଙ୍ଗୀଠାରୁ କେଇ ଗଜ ପରେ ପୁଣି ଠିଆହୁଏ ଭୂତ ପରି ଅନ୍ଧକାରର ଇଲାକା । ଖୁବ ଘନ, ଖୁବ ସାନ୍ଦ୍ର । ଆଲୋକିତ ଅଞ୍ଚଳରୁ ଯାଇ ଅନ୍ଧାରରେ ପଶିଲାବେଳକୁ ଅନେକ ବାଟ ବଣା ହୋଇ ଯାଆନ୍ତି । ଏଇପରି ନିତିଦିନିଆ ଭାବରେ ଅନେକ ଯାଆନ୍ତି, ଅନେକ ଆସନ୍ତି ।

ଅବଶ୍ୟ ଏତେ ଲୋକଙ୍କର ପ୍ରାତ୍ୟହିକ ଯିବା ଆସିବାର ଜନତା ଭିତରେ ସଠିକ ଭାବରେ କାହାକୁ ଆବିଷ୍କାର କରିବା ଖୁବ କଷ୍ଟକର । ଏଇମିତି ଅନେକ ପଣ୍ଡିତ ହୁଏତ ଥାଇ ପାରନ୍ତି ଯେଉଁ-ମାନଙ୍କ ସମ୍ପୂର୍ଣ୍ଣ ଭାବରେ ଅନାବିଷ୍କୃତ ରହି ଥାଇପାରନ୍ତି ସାଧାରଣ ଦୃଷ୍ଟିରୁ ।

୨ ।।

ସେଇ ଚୌରଙ୍ଗୀ ।

ସାଧନା ମନ୍ଦିର, ଯେଉଁଠି ମୁଁ ସାଧନା କରେ ପ୍ରାତ୍ୟହିକ ଭାବରେ । ସେ ମୋର ଧ୍ୟାନ ମନ୍ଦିର, ଗବେଷଣାଗାର, ସବୁ କିଛି ।

Digitized by srujanika@gmail.com

ସାଧାରଣ ଲୋକେ ବୋଧହୁଏ ମୋ ମାନମନ୍ଦିର, ଗବେଷଣାଗାର ତଥା ସାଧନା ମନ୍ଦିରର ଅବସ୍ଥିତିକୁ ଲକ୍ଷ୍ୟ କରି ପାରନ୍ତିନି ।

ସେମିତି କୌଣସି ସର୍ବାଧୁନିକ ଯନ୍ତ୍ରପାତି ମୋର ନାହିଁ । ଧୈର୍ଯ୍ୟ, ବିଶ୍ୱାସ ଓ କିଛି ଗୋଟାଏ ଖୋଜି ପାଇବାର ମସ୍ଗୁଲ ନିଶା ନେଇ ମୁଁ ସେମିତି ଏଇଠି ଆଜକୁ ଦଶବର୍ଷ ହେଲା ସାଧନା କରୁଛି । ଷ୍ଟାଟିସିଆନ ପରି ମନେ ମନେ ଗଣନା କରୁଛି, ବେଳେ ବେଳେ ହାତରେ ତୁଳି ଧରି ସୂକ୍ଷ୍ମାତିସୂକ୍ଷ୍ମ ଭାବରେ କିଛି ଗୋଟାଏ ତଉଲିବାକୁ ଚେଷ୍ଟା କରୁଛି ।

କିଏ ହିସାବ କରେ, କିଏ ଲକ୍ଷ୍ୟ କରେ ଓ କାହାକୁ କାହା ସହିତ ତୁଳନା କରି ଥେସିସ୍ ଲେଖେ ତା' ମୁଁ ସଠିକ ଭାବରେ ଜାଣେନା, ଯଦିଓ ଜାଣିବାର ଚେଷ୍ଟା ବହୁବାର କରିଛି । ଶେଷକୁ ଥରି ଥରି କରି ପ୍ରତିଥର ଲଜ୍ଜାଜନକ ଓ ନିଷ୍ଠୁର ଭାବରେ ପରାଜିତ ହୋଇଛି ।

ଏ'ବି ଗୋଟାଏ ନିଶା । ମୋର ଡାକ୍ତର-ବନ୍ଧୁ କହନ୍ତି— ଚୌରଙ୍ଗୀ ପାଖରେ ପ୍ରତ୍ୟହ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ସମସ୍ତଙ୍କ ଗତିବିଧି ଲକ୍ଷ୍ୟ କରିବା ଏକ ଆଶ୍ଚର୍ଯ୍ୟ ରକମର ମସ୍ତିଷ୍କ ବିକୃତି । ସାଧାରଣ ବନ୍ଧୁମାନେ କହନ୍ତି ମୁଁ କୁଆଡ଼େ ଅତିମାତ୍ରାରେ ଆବେଗ ପ୍ରବଣ ଅର୍ଥାତ ସେଣ୍ଟିମେଣ୍ଟାଲ । କେହି କେହି ସହଛୁ ପାଖଲଗା ବନ୍ଧୁ କହନ୍ତି ମୁଁ କୁଆଡ଼େ ନିକଟ ଭବିଷ୍ୟତରେ ଏକ ବିଶିଷ୍ଟ ଔପନ୍ୟାସିକ ହେବାକୁ ଯାଉଛି । ସେଇଥିପାଇଁ ଜନଗହଳି ଭିତରୁ ମୁଁ ମୋ ଉପନ୍ୟାସ ପାଇଁ ଚରିତ୍ର ଅନ୍ୱେଷଣ କରୁଛି । ମୋ'ର ସ୍ତ୍ରୀ କହନ୍ତି ଏ'ଟା ଗୋଟାଏ ସଉକ ବା ହବି । ଏଇଥିପାଇଁ ବିବାହ

Digitized by srujanika@gmail.com

ପରଠାରୁ ସେ ମୋତେ ଅନେକ ଥର ବାରଣ କରିଛନ୍ତି । ବେଳେ ବେଳେ ଅନେକ ରାତି ଯାଏ ଅପେକ୍ଷା କରି ତଳେ ସଉପଟି ପାରି ଲୁହଝରା ଆଖିରେ ଶୋଇ ପଡ଼ିଥାନ୍ତି ମୁଁ ଫେରିଲା ବେଳକୁ । ଅବଶ୍ୟ ମୁଁ ଘରକୁ ଫେରେ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ।

ମୋ ରାସ୍ତା ନିଶ୍ଚିତ ଭାବରେ ସ୍ୱତନ୍ତ୍ର । ସମାଲୋଚନା ଓ ଟୀକ୍‌କା ଟିପପଣୀ ମୋର ପଥରୋଧ କରି ପାରେନା । ସାପ ମଣିଷ ଦେହରୁ ବିଷତକ ଶୋଷି ନେଲା ପରି ସମାଲୋଚନାର ବିଷକୁ ଅମୃତ ଭାବି ଶୋଷିନିଏ, ଖୁସି ହୁଏ । ବିଷ କିନ୍ତୁ ପାରେନା, ଆରାମ ଲାଗେ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ନିଜ ଅଜାଣତରେ ଟିକ ଟିକ ଶକ୍ତି ସଂଗୃହୀତ ହୁଏ । ପାହାଚ ପରେ ପାହାଚ ଆଗକୁ ଯାଏ ।

॥ ୩ ॥

ପ୍ରୀତିନଂଦା !

ପରେ ତା ଡାଏରୀରୁ ଜାଣିଲି ଯେ ସେ ସେଇମିତି ସବୁଦିନ ପାଇଁ ପ୍ରୀତିନଂଦା ହୋଇ ରହିଯାଇଛି । ମିସେସ ପ୍ରୀତିନଂଦା କ ପ୍ରୀତିନଂଦା ଦାସ କମ୍ବା ପ୍ରୀତିନଂଦା ସାମନ୍ତରାୟ ହୋଇ ପାରିନି । ଉଜଳ କମ୍ବା ରାଶି ରାଶି କାଉ ରୁଣ୍ଡେଇଲା ଭଳି ଦେହ, ଯୌବନ, ହସ, ଖୁସି ବଞ୍ଚି ଅସଂଖ୍ୟ କାଉ ରୁଣ୍ଡେଇଛି, କିନ୍ତୁ ମିସେସ ଅମୁକ ଙ୍କ ମିସେସ ସମୁକ ହୋଇ ପାରିନି । ଚେତନ ଓ ଅବଚେତନ ମନର ସଂଘର୍ଷରେ ଅବିନଶ୍ୱାସୀ ହୋଇ ଜୀବନର ଗନ୍ତପଥକୁ ଠିକ ବାଟରେ ସେ ସଳଖି ପାରିନି । ସବୁବେଳେ ଅସହାୟତା ଅନୁଭବ କରିଛି ।

Digitized by srujanika@gmail.com

ଏଇ ହେଉଛି ସେଇ ପ୍ରୀତିନନ୍ଦା ! ହାତରେ ପୁଳାଏ କାଗଜ ଧରି ପ୍ରତିଦିନ ଏଇ ଚୌରଙ୍ଗୀ ଦେଇ ସେ ଯାଏ ସେକ୍ରେଟେରିଏଟ୍‌ରୁ ଡାକ୍ତରଖାନା ଆଡ଼କୁ । ଅବଶ୍ୟ ଏଇ କେଇଦିନ ହେଲା ତାର ଏଇ ନୂଆ ରୂପ ।

ପାଞ୍ଚ ବର୍ଷ ତଳେ ହାତରେ ପୁଳାଏ ବହି ଖାତା ଧରି ରଙ୍ଗୀନ ପ୍ରଜାପତିର ହାଲୁକା ମନ ନେଇ ସେ ଏଇ ଛକରେ ଗାର୍ଲ୍‌ସ୍ କୁଲ ବସ୍ ପାଇଁ ଅପେକ୍ଷା କରିଥାଏ । ସେ ଦିନ ଥିଲା ତା'ର ସେଇ ଦୁଇ ସମୁଦ୍ର-ନୀଳ ଆଖିରେ ତୃପ୍ତି ଆଉ ସରଳତାର ଢେଉ ।

ଠିକ ତା'ର ବର୍ଷକ ପରେ ଦେଖିଲାବେଳକୁ ହାତରେ ତା'ର ପୂର୍ବ ପରି ବହିଭର୍ତ୍ତି ବ୍ୟାଗ ନ ଥାଏ । ହାତ ଓ ଓଷ୍ଠର ମଧ୍ୟାଞ୍ଚଳରେ ସଯତ୍ନରକ୍ଷିତ ଇଭିନିଂ-ଇନ୍-ପ୍ୟାରିସ ଦିଆ ରୁମାଲ । ସାଙ୍ଗରେ ନୂଆ ନୂଆ ପୁରୁଷ ବନ୍ଧୁ ! ଚୌରଙ୍ଗୀ ତଳର ନିଅନ ଆଲୁଅ ସହିତ ତାଳ ଦେଇ ଖିଲ ଖିଲ ହସର ଜ୍ୟୋତ୍ସ୍ନା ଆଉ ପ୍ରିୟଜନଙ୍କ ସହିତ ମୃଦୁ ଆଳାପର ସଙ୍ଗୀତମୟତା, ଅନେକ ମନ୍ତ-ଶ୍ରୁତି, ଜୀବନ-ଦର୍ଶନର ଅନେକ ବ୍ୟାଖ୍ୟା ।

ଆଲୋକିତ ଅଞ୍ଚଳ ପରେ ଆସେ ନିଝୁମ ଅନ୍ଧାର । ଗୋରା ତକ ତକ ଦେହର ଚମ ଉଦ୍ଧାଡ଼ରୁ ମୁକ୍ତ ଖୋଜେ ଦେହର କ୍ଷୁଧା । ନିଅନ ଆଲୁଅ ବୋଳା ପବିତ୍ରତାର ପ୍ରଲେପ ଆସ୍ତେ ଆସ୍ତେ ମହଳିଣ ପଡ଼ି ଖସିଆସେ ।

ପୁଣି ଛଅମାସ ପରର ଏକ ଆଗତପ୍ରାୟ ରାତ୍ରି । ଆମ୍ବା-ସାଡ଼ାର ଟାକ୍‌ସୀରେ ଜଣେ କେହି ସ୍ୱାମୀ ନାମଧାରୀ ମଣିଷ ସହିତ ନବବଧୂ ଭାବରେ ମଧୁଚନ୍ଦ୍ରିକା ପାଇଁ ଯାତ୍ରାରମ୍ଭ ।

Digitized by srujanika@gmail.com

ବିବାହ ପରର ବୋଧହୁଏ ଠିକ ଛଅମାସ ପରେ ହଠାତ୍ ମୁଁ ଦେଖେ ଯେ ଗୁଲି ଆସୁଛି ପୂର୍ବାପେକ୍ଷା ଖୁବ୍ ଧୀର ପଦପାତରେ ସେଣ୍ଡେଲଟେଲ୍ସଏଣ୍ଡ୍ ଆଉ ନୁ । ପାଦରେ ଆଗ ପରି ଆଉ ଉର୍ବଶୀର ଛନ୍ଦ ନାହିଁ । ମୁହଁ ଅତି ହିଁ ପାଣ୍ଡୁର ଓ ବିବର୍ଣ୍ଣ । ପଦ୍ମ ପାଖୁଡ଼ା ପରି ଆଖିରେ ବେଦନାର ନିଷ୍ଠୁର ଛାପ । ବର୍ଷକ ତଳର ଦୁର୍ମନ୍ତ ଆଖି ଆଜି ପିଚ୍-ତଳା ରାସ୍ତାରେ କେନ୍ଦ୍ରୀଭୂତ ।

ଆଜର ଏଇ ଉତ୍ତୀର୍ଣ୍ଣ ସନ୍ଧ୍ୟାର ପ୍ରୀତିନନ୍ଦା ଓ ଛଅବର୍ଷ ତଳର ଏକ ସୁନା-ତଳା ସକାଳର କିଶୋରୀ ପ୍ରୀତିନନ୍ଦା; କେତେ ବ୍ୟବଧାନ ସତେ !

ପ୍ରୀତିନନ୍ଦାର ଏ ଆକସ୍ମିକ ପରିବର୍ତ୍ତନ କ'ଣ ସ୍ୱାଭାବିକ ? ଯଦି ବା ସ୍ୱାଭାବିକ ନୁହେଁ, ତଥାପି ତା'ର ଏ ରୂପ ପରିବର୍ତ୍ତନ କାହିଁକି ? ଦିନ କେଇଟା ଭିତରେ କ'ଣ ସବୁ କିଛି ବଦଳିଯାଏ ? ସମୟର ଘୂର୍ଣ୍ଣନରେ ମଣିଷର ବଦଳିବାଟା ପ୍ରମାଣସିଦ୍ଧ ଓ ମାନବ ବିଜ୍ଞାନର ପରୀକ୍ଷିତ ସତ୍ୟ, ତଥାପି ଏ ପ୍ରକାର ଅସ୍ୱାଭାବିକ ପରିବର୍ତ୍ତନର ମୂଳ କେଉଁଠି ? ଭୁଲ କାହାର ? ଭୁଲ କ'ଣ ଆମ ଚାରି ପଟେ ବ୍ୟୂହ ରଚନା କରି ଘେରି ରହିଥିବା ସମାଜର ! ସମାଜ ଓ ପାରିପାର୍ଶ୍ୱିକ ପରିବେଶକୁ ଯେତେ ଦୋଷ ଦେଲେ ବି ମଣିଷର ନିଜସ୍ୱ ପରିବର୍ତ୍ତନ ପାଇଁ ମଣିଷ ନିଜେ ହିଁ ମୁଖ୍ୟତଃ ଦାୟୀ—ଏ କଥାକୁ ସହଜରେ ଅସ୍ୱୀକାର କଲେ ଚଳିବନି ।

ତାହା ହେଲେ ପ୍ରୀତିନନ୍ଦାର ଭୁଲ ରହିଲା କେଉଁଠି ? ମୁଁ କହିବି, ସମସ୍ତେ କହିବେ ପ୍ରୀତିନନ୍ଦା ଏକ ନାରୀ । ନାରୀ ଠିକୁ ଠିକୁ ଜାଣିଚି ନାରୀର ପରି ଓ ତା'ର ଚରିତ୍ର ହୋଇପାରେ,

Digitized by srujanika@gmail.com

କିନ୍ତୁ ପାଗଳୀ ଚତୁର୍ଭୁଜର କୋମଳତା ନେଇ ହୃଦୟ ତା'ର ବ୍ୟାପକ ନୁହେଁ ।

କେତେ କେତେ ନିଶ୍ଚିତ ଭାବରେ କହିବେ ଯେ ସେ ତା'ର ନାରୀ ସୁଲଭ ସରଳ ବିଶ୍ୱାସ ଓ ଭାବପ୍ରବଣତା ଯୋଗୁଁ ହିଁ ଜୀବନ ଯୁଦ୍ଧରେ ଠକିଗଲା । ମୁଁ ମାନୁଛି ପ୍ରୀତିନନ୍ଦା ଅତିମାତ୍ରାରେ ସରଳ ବିଶ୍ୱାସୀ ଥିଲା । ନାରୀ ଭାବରେ ପ୍ରୀତିନନ୍ଦାର ସବୁକିଛି ଥିଲା । ଦେହ, ଯୌବନ, ହସ, ଖୁସି କିନ୍ତୁ କାହିଁ ରୁଣ୍ଡେଇବାରେ ସେ କେବେହେଲେ କାର୍ପଣ୍ୟ ଅନୁଭବ କରିନି । ସେ ଭାବେ ପୁରୁଷମାନେ ହିଁ କେବଳ ଦେହବାଦୀ, ସୁଖବାଦୀ ଓ ଆତ୍ମସୁଖ ସର୍ବସ୍ୱ; କିନ୍ତୁ କିଏ ପ୍ରକୃତରେ ଦେହବାଦୀ ? କାହା ଦେହର କ୍ଷୁଧା ଅତି ହିଁ ପ୍ରବଳ ଆଉ ନଗ୍ନ ! ପ୍ରୀତିନନ୍ଦାର ନା ତା' ପୁରୁଷ ବନ୍ଧୁମାନଙ୍କର ? ଏ ହେଉଛି ସେଇ ପ୍ରୀତିନନ୍ଦା, ଯେ ତା'ର ଫେନିଳ ଯୌବନକୁ ମୁଲ୍ୟହୀନ ଭୁଜା ପରି ରାସ୍ତା, ଘାଟ, କ୍ଲବ, ପାର୍ଟି, ପିକ୍‌ନିକ୍ ଓ ପାର୍କ-ମାନଙ୍କରେ ହେଉଥିବା ତଥାକଥିତ ସାଂସ୍କୃତିକ ଆସର ଭିତରେ ଫିଙ୍ଗି ଫିଙ୍ଗି ଚାଲିଥିଲା ଅତି ଅଭ୍ୟସ୍ତ ଭାବରେ । ମୂଲ୍ୟହୀନ ଜ୍ୟୋତ୍ସ୍ନା ପରି ଭୁଜା ଖଣ୍ଡିଏ ସମସ୍ତଙ୍କ ଦେହରେ ଜେଣା ପିଟି ପିଟି ଉଡ଼ି ଯାଉଛି ; ତାକୁ ଧରି ଦେଇ ସମାଜର ଆକାଶଟାକୁ ପରିଷ୍କାର କରିବାର ଆଂଶିକ ଚେଷ୍ଟା ଯଦି ତା'ର ତଥ କଥିତ ପୁରୁଷବନ୍ଧୁମାନେ କରିଥାନ୍ତି, ତାହା ହେଲେ କ୍ଷତି କଣ ?

ଅନୂଢ଼ା କିଶୋରୀର ଜୀବନ ବେଳାଭୂମିରେ ଅଙ୍ଗ ଅନଙ୍ଗର ଢେଉ ଧକ୍‌କା ଖାଇ ଫେରିଯିବାଟା ଯେପରି ନଇକ ଓ ପ୍ରାକ୍ଟିକାଲ୍ ସେମିତି ମୃତ୍ୟୁ ପରି ସତ୍ୟ । ଦେହ-ସମୁଦ୍ରର କୂଳ ଉପକୂଳରେ ଧକ୍‌କା ଖାଉଥିବା ଅଙ୍ଗ ଅନଙ୍ଗର ଜ୍ୱାଳା-ଲହରୀର ଉପଶମ ପାଇଁ

Digitized by srujanika@gmail.com

ଜୀବନର ପୂର୍ଣ୍ଣତା ପାଇଁ ନାରୀର କ'ଣ ଦେହ, ଯୌବନ, ହସ, ଖୁସି ହିଁ ଏକମାତ୍ର ସ୍ୱୀକୃତ ସମ୍ବଳ ?

"ଦେହ" ଆଉ "ମନ" ଭିତରେ କ'ଣ ଏତେ ଟିକିଏ ହେଲେ ବି ସମ୍ପର୍କ ନାହିଁ ?

ସେଦିନର ସେଇ ଉଚ୍ଛଳା ଯୌବନା କୁମାରୀ ପ୍ରୀତିନନ୍ଦା ଜୀବନର ସବୁ କିଛି ନୈବେଦ୍ୟ ବାଢିଥିଲି ପୁରୁଷ ବନ୍ଧୁମାନଙ୍କ ପାଦତଳେ; କିନ୍ତୁ କାହାକୁ ହେଲେ ନିଜସ୍ୱ ମନ ଦେଇ ଆପଣାର କରିବାର ଚେଷ୍ଟା କରିନି। ସେଥିପାଇଁ ଏତେ ବଡ଼ ଦୁନିଆଁରେ ସବୁପ୍ରକାର ପ୍ରାଚୁର୍ଯ୍ୟ ଭିତରେ ଥାଇ ବି ମହାକାଶର ଶୂନ୍ୟତା ସେ ଅନୁଭବ କରୁଛି।

ଆଜିର ସମାଜରେ ଏଇମିତି ଅନେକ ପ୍ରୀତିନନ୍ଦା ଅଛନ୍ତି ଯେଉଁମାନଙ୍କର ବଞ୍ଚିବାର ସମସ୍ତ ପାଥେୟ ଥାଇ ବି ଶୂନ୍ୟ, ରିକ୍ତ ଓ ଜୀବନ ନାଟକରେ ବିପର୍ଯ୍ୟସ୍ତ ଓ କଳଙ୍କିତା ନାୟିକାର ଅଭି-ନୟ କରୁଛନ୍ତି।

ସମାଜର ଅନ୍ଧାରି ଜଙ୍ଗଲରେ ଆତ୍ମଗୋପନ କରି ରହିଥିବା ପ୍ରୀତିନନ୍ଦାମାନଙ୍କ ମଧ୍ୟରେ ଆଲୋଚ୍ୟ ପ୍ରୀତିନନ୍ଦା ବି ଏକ ନାରୀ ଯେ'କି ମଣିଷ ହୋଇ ବି ମଣିଷ ଭାବରେ ବଞ୍ଚିବାର ସାମର୍ଥ୍ୟ ହରାଇଛି, ଆଲୋକକୁ ଭୟ କରୁଛି, ଅନ୍ଧାରରେ ଲୁଚୁଛି। ନିଜ ଜୀବନର ଅନ୍ଧାରିତ ପୃଷ୍ଠାର ବୀଭତ୍ସ ଦୃଶ୍ୟ ମନେ ପକାଇ ସେ ନିଜେ ଅଜଣା ଆଶଙ୍କାରେ ଶିହରି ଉଠୁଛି ସତ, କିନ୍ତୁ ନିଜକୁ ଆତ୍ମପ୍ରକାଶ କରିବା ପାଇଁ କେବେହେଁ ଆଲୋକକୁ ଆସିନି।

Digitized by srujanika@gmail.com

ଫଳତଃ ଅତୀତ ଜୀବନର ବହୁ ଆକାଂକ୍ଷିତ ସୁଖସ୍ୱପ୍ନ ଭବିଷ୍ୟତ ଜୀବନର ପୂର୍ଣ୍ଣତା ପଥରେ ଅଶରୀରୀ ପ୍ରେତାତ୍ମାର ରୂପ ନେଇଛି ।

× × ×

ସମୟ ସଠିକ ଭାବରେ ଜଣା ନ ଗଲେ ସୁଦ୍ଧା ଅମାବାସ୍ୟାର ରାତ୍ରିଟା ନିଶ୍ଚିତ ଭାବରେ ପ୍ରୌଢ଼ା ହୋଇ ଯାଇଥିଲା । ଚୌରଙ୍ଗୀ ଉପରେ ପୂର୍ବ ପରି ବାଷ୍ପ ହୋଇ ପଡ଼ୁଛି ଆଲୋକର ଶସ୍ୟ । ଆଲୋକିତ ଇଲାକା ପରେ ଚାରିପଟୁ ଘେରି ରହିଛି ଅନ୍ଧକାରର ନିର୍ଘୁମ ଗାଢ଼ ପ୍ରାଚୀର ।

ଧ୍ୟାନ ମୋର ଭାଙ୍ଗିଗଲା । ଆଖି ଖୋଲି ଚାହିଁଲି ଚୌରଙ୍ଗୀଠାରୁ କେଇଗଜ ଦୂରରେ ଥିବା କୋଇଲଠାରୁ ଆହୁରି କଳା କଟିକଟି ଅନ୍ଧକାରର ଇଲାକା ଆଡ଼କୁ । ମୋ ଭିତରେ ଚେଇଁ ରହିଥିବା ନିଃସ୍ୱ ଆବିଷ୍କାରକର ସର୍ବଶ୍ରେଷ୍ଠ ଡ଼ିସ୍କଭରି “ପ୍ରୀତିନନ୍ଦା” ଯେ ଅନେକ ବେଳୁ ଚାଲିଗଲାଣି !

ପ୍ରୀତିନନ୍ଦାର ଅତୀତ ଜୀବନରୁ ସଂପୃକ୍ତ କୁନ୍ତୀ, ମନ୍ଦାକିନୀ, ମାଳବିକା; ନନ୍ଦାଶିବା ଆଉ ଅଳକାମାନଙ୍କର କ’ଣ ଶିଖିବାର ଥାଇପାରେ ସେଇ କଥା ହିଁ ଭାବୁଥିଲି ।

Digitized by srujanika@gmail.com

ଏ ସହର ନିଷ୍ପ୍ରଦୀପ

ଡିସେମ୍ବର ଶେଷର ଏକ ମଧ୍ୟାହ୍ନ——

ପ୍ରହର କ୍ଲାନ୍ତ, ନିଷ୍କ୍ରିୟ ଓ ବିବର୍ଣ୍ଣ ।

ହାୱଡ଼ା-ମାଡ୍ରାସ ଏକ୍ସପ୍ରେସର ମେଲ୍ ତୃତୀୟ ଶ୍ରେଣୀର ଏକ ବିଜନ କକ୍ଷ ଭିତରେ ସତେ ଯେମିତି ମଧ୍ୟାହ୍ନର ସମସ୍ତ ଉତ୍ତାପ ଅଜାଡ଼ି ହୋଇ ପଡ଼ୁଥିଲା । ଶୋଇବାକୁ ଚେଷ୍ଟା କଲେ ବି ଶୋଇ ହେଉନି । କଟକ-ଜେଲର ଲୁହାରେଲିଂ ଘେରା ଅନ୍ଧକୂପ ଭିତରେ ମୋ ଏଇମିତି ଅନେକ ମଧ୍ୟାହ୍ନ ନ କଟିଛି ତା ନୁହେଁ । କଟକ-ସହର-ମଧ୍ୟାହ୍ନର ଗୁଳୁଗୁଳି ସତ୍ତ୍ୱେ ଅନେକ ମଧ୍ୟାହ୍ନରେ ମୁଁ ନିଶ୍ଚିନ୍ତରେ ନିଦ୍ରାଯାଏ । ଆଖି ପକାଇଲା ମାତ୍ରେ ବୁଢ଼ୀ ଅସୁରୁଣୀ ରାଇଜର ଭୂତ ପରି ନିଦଗୁଡ଼ାକ ଲମ୍ବା ଲମ୍ବା ହାତ ବଢ଼େଇ ଅଳସ ଆଖିପତାର ଖିଅରେ ଖିଅରେ ମାଖି ଦେଇଥାନ୍ତି ମାୟାର କାହାଣୀ । ନୀଳର ନିଦ୍ରା ଯାଏ । ଭୁଲରେ ହେଲେ ବି ନିଦ୍ରାଭଙ୍ଗ କେବେ ଘଟିନି । ସୁନାପୁରର ମମତା ଆଉଟା ଭୂଇଁ ଗୃଖଣ୍ଡିକ ପାଇଁ ସ୍ୱପ୍ନଦେଖି ରାତି ଅଧରେ ଉଠି ବସି ଅଶ୍ରୁ ବିସର୍ଜନ ମୁଁ କେବେ କରିନି ।

ଆଜି କିନ୍ତୁ ଡିସେମ୍ବର ଶେଷର ଏକ ମଧ୍ୟାହ୍ନରେ ମୁଁ ଶୋଇ ପାରୁନି । ଆଖିରୁ ସତେ ଯେମିତି ଗଲା ଦିନର ନିଦ ସବୁକୁ କିଏ

Digitized by srujanika@gmail.com

ସିରିଞ୍ଜ ଦେଇ ରକ୍ତ ଶୋଷି ନେଲା ପରି ଟାଣି ନେଇଛି । ବାହାର ଜଗତର ଉତ୍ତାପ ସହିତ ସମତା ରକ୍ଷା ପାଇଁ ମନ ଭିତରର ନିବୁଜ କୋଠରୀରେ ସତେ ଯେମିତି ଲହଡ଼ା ଭାଙ୍ଗୁଥିଲା ସିସିଲି, ଏଟନା ଓ ବିସୁଭିୟସର ସମ୍ମିଳିତ ଲାଭା ସ୍ରୋତ । ଦେହଟା ମୋର ଥରି ଉଠୁଥିଲା ଉତ୍ତାପଗ୍ରସ୍ତ କାମଳ ରୋଗୀର ଶରୀର ପରି ।

ମନରେ ଖାଲି ଦ୍ୱନ୍ଦ୍ୱ ଆଉ ଦ୍ୱନ୍ଦ୍ୱ । ମନ ଭିତରଟା ଯେମିତି ଦ୍ୱନ୍ଦ୍ୱର ଏକ ଶେଷହୀନ-ସମୁଦ୍ର । ସୁରଭି ଓ ମୁଁ , ତାର ଅନ୍ତର ଆଉ ମୋର ଆତ୍ମା, ଅନ୍ୟର ମଙ୍ଗଳ କାମନାର ଦୁର୍ନିବାର ତୃଷ୍ଣା ଆଉ ବଂଶଗୌରବ ଓ ଜନତାର ନ୍ୟାୟ, ଆତ୍ମାର ଆଭରଣଯୁକ୍ତ ରୂପ ଆଉ ନଗ୍ନତା, ପାପ ଆଉ ପ୍ରାୟଶ୍ଚିତ—ଏଇମିତି ନାନା ଚିନ୍ତା ନାନା ଦ୍ୱନ୍ଦ୍ୱ ମୋତେ ଏକ ପ୍ରକାର ମାନସିକ ଅସ୍ଥିରତାର ଶିଖରରେ ପହଁଚାଇ ଦେଉଥାଏ ।

ଏଇମିତି ଅସୁମାରି ପ୍ରତିକ୍ରିୟାତ୍ମକ ଶବ୍ଦାଘାତରେ ମୂର୍ଚ୍ଛିତ ହୋଇ ସ୍ୱପ୍ନ ଶେଷରେ ଆକସ୍ମିକ ନିଦ୍ରାଭଙ୍ଗ ପରି ଚେଇଁ ଉଠି ଦୃଷ୍ଟି ଫେରେଇଲି ମାମୁଁ ଭଣଜା ପାହାଡ଼ ଆଡ଼େ । ଷ୍ଟେସନର ଘଣ୍ଟାର ସତର୍କ ଧ୍ୱନି ପାହାଡ଼ ଛାତିରେ ପିଟି ହୋଇ ସତେ ଯେମିତି ଏକ ଅସ୍ପଷ୍ଟ ପ୍ରତିଧ୍ୱନି ସୃଷ୍ଟି କରୁଥିଲା କିଛି ନ ବୁଝିବା ଅବୋଧ ଶିଶୁର କ୍ରନ୍ଦନ ଭଳି ।

କୋଣାର୍କର ସ୍ଥାପତ୍ୟ ଭଳି ନିସ୍ପନ୍ଦ ଭାବରେ ଠିଆ ହୋଇ ରହିଲି ପୂର୍ବ ପରିଚିତ ପ୍ଲାଟଫର୍ମର ସିମେଣ୍ଟ୍ ଚଟାଣ ଉପରେ । ଷ୍ଟେସନରେ ଅନେକ ପରିଚିତ ଜନତାର ଭିଡ଼ । କିନ୍ତୁ କେହି ଯେମିତି ମତେ ଚିହ୍ନି ପାରୁ ନାହାନ୍ତି । ଅବଶ୍ୟ ଏ ଭିତରେ ମୁଁ ଯେ ବଦଳି ନ

Digitized by srujanika@gmail.com

ଯାଇଛି ତା ନୁହେଁ । କିନ୍ତୁ ମୁଁ ସେମାନଙ୍କୁ ଭଲ ଭାବରେ ଚିହ୍ନି ପାରୁଥିଲି । ଯେଉଁମାନଙ୍କ ସହିତ ପିଲାଦିନର ଧୂଳିଖେଳଠାରୁ ସମ୍ପର୍କ ଥିଲା ସେମାନଙ୍କ ପାଖରେ ଯେ ମୁଁ ସବୁବେଳ ପାଇଁ ଏକ ଦୁର୍ବୋଧ ଗଦ୍ୟ କବିତା ହୋଇ ରହିଯିବି, ଏକଥା ହୁଏତ ମୁଁ ବିଶ୍ୱାସ କରି ପାରୁ ନ ଥିଲି । ସମସ୍ତେ ଯେମିତି ଜାଣିଶୁଣି ବାଟ ଭାଙ୍ଗି ଚାଲି ଯାଉଛନ୍ତି । ଏଇ ଟିକିଏ ପୂର୍ବରୁ ଯେଉଁ ପ୍ଲାଟଫର୍ମ ଜନସ୍ରୋତରେ ଫୁଲି ଉଠୁଥିଲା, ପାଞ୍ଚ ମିନିଟ୍‌ର ବ୍ୟବଧାନରେ ସବୁ ନିସ୍ତୁଳ । ବ୍ୟର୍ଥତାରେ ହୃଦସ୍ପୃଷ୍ଟ। ମୋର ଭାଙ୍ଗି ପଡ଼ିଲା ପିଲାଙ୍କର କାର୍ଡବୋର୍ଡ ଘର ପରି ।

ଏତେ ଦିନ ଧରି, ଏତେ ଯତ୍ନରେ, ମୋ ଚାରିପାଖେ ମୁଁ ଯେଉଁ ବେଷ୍ଟନୀ ଗଢ଼ିଥିଲି, ସବୁ ଯେମିତି କ୍ଷଣିକର ଅସାବଧାନତାରେ ଭାଙ୍ଗି ଚୁରି ଚୁରମାର୍ ହୋଇଗଲା ।

ମନେ ମନେ ଖୁବ୍ ହସିଲି । ସେ ହସ ଆନନ୍ଦର ସୂଚକ ନୁହେଁ, କାରୁଣ୍ୟର ଏକ ଧାରାସ୍ରାବୀ ମହ୍ଲାର । ସେଦିନର ସେ ହସର କାରୁଣ୍ୟ ଉତ୍ତୀର୍ଣ୍ଣ ଅପରାହ୍ଣର ନିଃସଙ୍ଗ ଆକାଶଟା ବୋଧହୁଏ ଉପଲବ୍‌ଧି କରିଥିବ । କାରଣ ମୋ ହସ ଭିତରେ ଲୁଚି ରହିଥିବା ପ୍ରଶାନ୍ତ ମହାସାଗରର ଅତଳାନ୍ତ କାରୁଣ୍ୟର ଗାମ୍ଭୀର୍ଯ୍ୟତା ମାପିବାକୁ କେହି ନ ଥିଲେ । ସେ କାରୁଣ୍ୟ ଥିଲା ମୋର ସମ୍ପୂର୍ଣ୍ଣ ନିଜସ୍ୱ ଓ ବ୍ୟକ୍ତିଗତ ।

ଆଗାମୀ ଟ୍ରେନ ପାଇଁ ସତର୍କ ଘଣ୍ଟିର ଆଘାତରେ ପ୍ରକୃତିସ୍ଥ ହେଲି । ଯଦି କେହି ମୋତେ ଦୂରରୁ ଲକ୍ଷ୍ୟ କରୁଥାଏ ତାହାହେଲେ ନିଶ୍ଚିତ ଭାବରେ ପାଗଳ ବୋଲି ଭାବିଥିବ; କିନ୍ତୁ ମୁଁ ପ୍ରକୃତରେ

Digitized by srujanika@gmail.com

ପାଗଳ ହୋଇ ନ ଥିଲି । ଯେତେ ଚେଷ୍ଟା କଲେ ବି 'ପାଗଳ' ତ ହୋଇ ପା ଲିନ । ପାଗଳ ହୋଇ ଯାଇଥିଲେ ମୁଁ ହୁଏତ କୌରବ-ମାନଙ୍କ ପରି ଶକ୍ତ ବ୍ୟୂହ ରଚନା କରି ଘେରି ରହିଥିବା ସମାଜକୁ ବହୁତ ଆଗରୁ ଚିହ୍ନି ପାରିଥାନ୍ତି । ମୋର ହସଟା ପାଗଳର ହସ ପରି ଖାପଛଡ଼ା, ବେନସୁମା ଓ ମାପଚୁପ ହସ ହୋଇ ନ ଥାଇ ପାରେ ଯାହାକି ବେଳେ ବେଳେ ଅପ୍ରାକୃତିକ ଜଣାପଡ଼େ । ମଣିଷ ଜୀବନରେ ଏଇମିତି ମୁହୂର୍ତ୍ତ ଆସେ, ଯେତେବେଳେ ତାର ସବୁକିଛି ଅନ୍ୟମାନଙ୍କୁ ଅସଂଲଗ୍ନ ଓ ଅପ୍ରାକୃତ ଜଣାପଡ଼େ ।

ଡ଼ିସେମ୍ବର ଶେଷର ସେ ଦିନଟା କ୍ରମଶଃ ବୃଦ୍ଧା ହୋଇ ଆସିଲା । ଗଳିତ ବୃଦ୍ଧ ପରି ସମସ୍ତ ଜ୍ୟୋତି ଓ ଆଲୋକ ହରାଇ ପାଣ୍ଡୁରିତ ସୂର୍ଯ୍ୟ ଖସି ପଡ଼ୁଥିଲେ ମାମୁଁ-ଭଣଜା ପାହାଡ଼ ସେପାରିର ଅନ୍ଧାରି ଗୌହର ଭିତରେ ।

ଭାବନାର ମାୟାପୁରୀରୁ ନିଜକୁ ମୁକ୍ତ କରି ଅଳସ ପାଦ ଦୁଇଟା ମୋର ଆଗେଇଲା ପ୍ଲାଟଫର୍ମର ସିମେଣ୍ଟ ଚଟାଣ ଛାଡ଼ି ସରୁ ସରୁ ନାଲିମୁରୁମ-ବିଛା ରାସ୍ତା ଆଡ଼କୁ । ନାଲି ନାଲି ମୁରୁମସବୁ ବୋଧହୁଏ ନୂଆ, ଏଇ ଆଜି କି କାଲି ବିଛା ହୋଇଛି ରାସ୍ତା ଉପରେ । ଦୂର୍‌ ଭାବରେ ରେଲର ଗର୍ଜନ ବୋଧହୁଏ । ଅନନ୍ତ ଦୂରରେ ଅନ୍ତକାଯ଼ ବ୍ରହ୍ମ ରାକ୍ଷସ ପରି ଠିଆ ହୋଇଥିବା ଲୁହା-ରେଲର୍ଟା ସୂଚେଇ ଦେଇଥାଏ ଯେ ଏଇ ବର୍ଷ କେଇଟି ଭିତରେ ଦେଶରେ ବହୁତ ପ୍ରଗତି ହୋଇଛି । ଗ୍ରାମାଞ୍ଚଳର ପ୍ରଗତିକୁ ଅତି ମାତ୍ରାରେ ତ୍ୱରାନ୍ୱିତ କରିବା ପାଇଁ ଏଇ ଭିତରେ ବୋଧହୁଏ ସର-କାର ଅକଳନ ଉଦ୍ୟମ କରିଛନ୍ତି ।

Digitized by srujanika@gmail.com

ଷ୍ଟେସନ ତଳର ପୁରୁଣା ଦିନର ସେଇ ବଜାରଟା କାହିଁକି ନ ଥିଲା ଭଳି ଜଣାଗଲା । ଗ୍ରେଟିଆ ଗ୍ରେଟିଆ ତାଳଡାଟି ଦିଆ ଦୋକାନ ଦଶବର୍ଷରେ ଏ ଭିତରେ ବୋଧହୁଏ ନୂଆ ଯୋଜନା ଅନୁଯାୟୀ ଆଜବେସ୍‌ଟସ ଛାତ ସହ ଅନେକ ଷ୍ଟଲ ସବୁ ତିଆରି ହୋଇଛି ।

ପାଞ୍ଚ ବର୍ଷ ତଳେ ଏ ଜାଗାଟା କନ୍ଦୁ ଭରି ମାଦା ଥିଲା । ସକାଳୁ ସଞ୍ଜଯାଏ ଗୃତକ ଚରି ହୁଏଁ ବସିଲେ ବି ଦିନେ ଦିନେ ଶୁକ୍ରବାର କରିବାକୁ ଗୋଟାଏ ହେଲେ ଗରାଖ ମିଳନ୍ତି ନାହିଁ ବୋଲି ଦୋକାନୀମାନେ କହୁଥିବାର ମୁଁ ଶୁଣିଛି । ଯାହା ହେଉ ସରକାର ବୋଧହୁଏ ଗ୍ରେଟ ଗ୍ରେଟ ଦୋକାନୀମାନଙ୍କୁ ଋଣଦେଇ ସେମାନଙ୍କ ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରାଇବା ଦିଗରେ ପଦ-କ୍ଷେପ ନେଇଛନ୍ତି ।

ମନଟା ମୋର ଆନନ୍ଦରେ ଭରି ଉଠିଲା । ମନେ ପଡ଼ିଲା ଆମ ଗାଁ ପାଖ ପାଟବା ସାହିର ଦାମ ପାହାନର ଗ୍ରେଟିଆ ମନୋହରି ଦୋକାନ କଥା । ତା ଦୋକାନରେ କୁଆଡ଼େ ସବୁବେଳେ ଲୋକଙ୍କର ଭିଡ଼ ଜମିଥାଏ । ବିଶେଷ କରି ଓଷା, ବ୍ରତ, ପୁନିଅଁ ଓ ଯାନିଯାତ୍ରା ସମୟରେ ଆଖ ପାଖ ଦଶ ପନ୍ଦର ଖଣ୍ଡ ପଡ଼ା-ଗାଁର ପିଲା-ମାଇପିଙ୍କର ଭିଡ଼ ଖୁବ ଜମେ । ଶରଗ୍ରା ଦାମ ପାହାନ ବି ଦି ପଇସା ରୋଜଗାର କରି ଖୁବ ଭଲରେ ଚଳେ । ଗାଁର ଭଲମନ୍ଦ ଓ କୋଠାକାଠ କାର୍ଯ୍ୟରେ ତା ଲାଭର ଦି ପଇସା ଲଗାଏ । ଗାଁର ପଢୁଆ ପିଲାଙ୍କ ପାଇଁ ଗୋଟାଏ ପାଠାଗାର ପାଇଁ ସେ ବି କଷ୍ଟି ଧୂଳିରେ ବର୍ଷକୁ ଶହେ ଟଙ୍କା କରି ଦିଏ ।

ଖୁବ ଆବେଗରେ ଆଗେଇଲି ବଜାର ମୁଣ୍ଡରେ ଥିବା ସୁସ-ଜ୍ଜିତ ଷ୍ଟଲ ଆଡ଼କୁ । ହଠାତ୍, ଆମ ପିଲାଦିନର ଦାମ ପାହାନ,

Digitized by srujanika@gmail.com

ଆମେ ଯାହାକୁ ଅନ୍ତ ଆଦରରେ ଡାକୁ ଦାମ କକା, ବୋଧହୁଏ କାଚଘେରା ଆଲମାରୀ ଆଉ ପଟେ ବ୍ୟବସାୟର ଖତିଆ ନେଇ ଖୁବ ବ୍ୟସ୍ତ ଥିବ । ନ ହେଲେ ତ ସେ ମୋତେ ଦେଖି ନିଶ୍ଚୟ ବାହାରକୁ ଆସି ଭଲ ମନ୍ଦ ହଣଦ ପଚାରନ୍ତାଣି । ଦୋକାନ-ଠାରୁ ଖଣ୍ଡେ ଦୂରରେ ଠିଆହୋଇ ଜଣେ ରିକ୍ସାବାଲାକୁ ପଚାରିଲି, ଭାଇ—ଦାମ ପାହାନର ସେଇ ଦୋକାନ ଟି’ ?

ପୁରୁଣା ରିକ୍ସାବାଲା ଅଂକନ୍ନା ଆଖିରେ ଲୁହ ଜକେଇ ଆସିବାର ମୁଁ ଲକ୍ଷ୍ୟ କଲି । ମୋ’ର ବ୍ୟସ୍ତତା କ୍ରମଶଃ ବଢ଼ିଲା । ଅତି କଷ୍ଟରେ ବହୁତ ପ୍ରବୋଧନା ପରେ ଆଖିରୁ ଲୁହ ପୋଛି କହିଲା—“ଦାମନ୍ନାକୁ ସରକାରର ଲୋକେ ଏଠୁ ତଡ଼ି ଦେଇଛନ୍ତି ବାବୁ । ସେ ଏଠାରୁ ପ୍ରାୟ ୩ ବର୍ଷ ହେଲା ଦୋକାନ ଭାଙ୍ଗି ଚାଲି-ଗଲଣି ଗାଁକୁ ।”

“ସରକାର ତାକୁ ତଡ଼ିଦେଲେ କାହିଁକି ?” ପଚାରିଲି ଖୁବ ନମ୍ର ଓ ଆହତ କଣ୍ଠରେ । ପଚାରିବାର ଶକ୍ତି ଯେମିତି ମୋର ନ ଥିଲା ।

ଅଂକନ୍ନା କହିଲା, “ଦାମନ୍ନା କୁଆଡ଼େ ଉଚ୍ଚ ଦରରେ ସରକାରୀ ଜାଗାର ନିଲାମ ନେଇ ପାରିଲେନି । ବ୍ୟବସାୟ ଶୀତ ଋତୁରେ ଖୁବ ମାନ୍ଦା ଥିବାରୁ ଏତେଗୁଡ଼ାଏ ପଇସା, ଏକା ମୋଟକେ ପାଞ୍ଚ ହଜାର, ସେ କାହୁଁ ବା ପାଆନ୍ତା ?”

ଏବେ ସେ କୁଆଡେ ପିତୃ ପିତାମହ ଅମଳର ଭୂଇଁ ହଳ’ମାଣ ଚଷି ଚଳୁଛି ବୋଲି ଶୁଣିଲି । କାରଣ ନିଜର ବଂଶଗତ ଜୀବିକା ସେ ତ ବହୁ ଦିନରୁ ଛାଡ଼ି ଦେଇଥିଲା । ଆଉ ତାର ଦୋକାନର ଖୁଣ୍ଟା ଭିଡ଼ି ଉପରେ ଏବେ ଜଣେ ପଞ୍ଜାବୀ ଭଦ୍ରବ୍ୟକ୍ତି ଗୋଟାଏ ବଡ଼ ଧରଣର ଘଣ୍ଟା ଓ ସାଇକେଲ ଦୋକାନ ଦେଇଛନ୍ତି ବୋଲି ଶୁଣିଲି ।

Digitized by srujanika@gmail.com

ଚକ୍ରରେ ସତେ ଯେମିତି ମୋ'ର ବରଫର ଶୀତଳତା ଭାଙ୍ଗିଗଲା । ଆଖିରୁ ଲୁହ ଟୋପାଏ ବି ଝରିଲାନି । ଅଂକଲ୍‌ଙ୍କୁ ପରେ କଥା ହେବା ପାଇଁ କହି ତରବରରେ ଛୁଟିଲି ପୁରାତନ ଜଙ୍ଗଲୀ ଚଲାପଥଟାକୁ ଭୂଇଁରେ ଚାପି ଦେଇ ତିଆରି ଚାଲିଥିବା ସୁରକ୍ଷି-ବସ୍ତି ସଡ଼କ ଆଡ଼କୁ । ଏ'ଟା କୁଆଡ଼େ ଜାତୀୟ ରାଜପଥ ସହିତ ସଂଯୁକ୍ତ ହେବ ବୋଲି ଆଖ ପାଖ ଲୋକେ କୁହା କୁହି ହେଉଥିବାର ଶୁଣିଲି ।

ଆଉ ପଛକୁ ନ ଚାହିଁ ଭୂତ ପରି ମାଡ଼ ଚାଲିଲି ଆଗକୁ । ଆମ ଗାଁଟା କେଉଁଠି ରହିଲା, ସେ ବିଷୟରେ ବି ସନ୍ଦିହାନ ହୋଇ ପଡ଼ିଲି ।

ଷ୍ଟେସନ ପାଖର କୁଦ ଉପରେ ଠିଆ ହେଲେ ଆମ ଗାଁ ପୋଖରୀ ତୁଠର ଡେଙ୍ଗା ଡେଙ୍ଗା ତାଳଗଛଗୁଡ଼ିକ ବାବନାଭୂତ ପରି ଦିଶନ୍ତି । ସନ୍ଧ୍ୟା ହେଲେ ବିଶ୍ୱନାଥଙ୍କ ମନ୍ଦିର ଆଳତି ବେଳର କାହାଳୀ ଶବ୍ଦ ଷ୍ଟେସନ ଡେଇଁ ସେପାରି ଗାଁ ପର୍ଯ୍ୟନ୍ତ ବି ଶୁଣା-ଯାଏ ।

—"କାହିଁକି ! ସେ ବାବନାଭୂତିଆ ତାଳଗଛଗୁଡ଼ାକ ତ ଦିଶୁ ନାହାନ୍ତି ! ସନ୍ଧ୍ୟା ତ ଆସି ଗଲାଣି । କାହାଳୀ କ'ଣ ଆଉ ଆଜିକାଲି ଫୁଙ୍କା ହେଉନି ? ସୁବୁଦ୍ଧି ମାଳୀ ବୋଧହୁଏ ଆଜିକାଲି ଦେଶ ପ୍ରଗତିର ଯୁଗରେ, ବାପଅଜା ଅମଳର ପେଶା ଛାଡ଼ିଦେବଣି ।" ଏଇମିତି କେତେ କଣ ଅନାବନା କଥାର ସୁଅରେ ପହଁରି ପହଁରି ପଧାନ ପୁର ଗାଁ ମୁଣ୍ଡରେ ନୂଆ ହୋଇ ଜଳୁଥିବା ବତୀଖୁଣ୍ଟ ତଳେ କେତେବେଳେ ଯେ ପହଞ୍ଚି ଯାଇଛି, ମୋତେ ଜଣା ପଡ଼ିନି ।

Digitized by srujanika@gmail.com

ବର୍ଷାଋତୁ ତଳେ ନିସ୍ତେଜ ହୋଇ କଣ୍ଟକବଣ ଠିଆ ହୋଇ ରହିଲା । ଆଖିର ଡୋଳା ଦୁଇଟା ମୋର ଟର୍‌ବାଇନ୍‌ର ଚକ ପରି ଖାଲି ଘୂରୁଥାଏ ଏପଟରୁ ସେ ପଟ ! କାଳେ ଯଦି କିଏ ପରିଚିତ ଲୋକ ହାବୁଡ଼ରେ ପଡ଼ନ୍ତା ତାହେଲେ ଟିକିଏ ପଚାରନ୍ତି ସୁନାପୁରର ସେଇ ମମତା-ଆଉଟା ଭୂଇଁ ଗୃଖଣ୍ଡିକ କଥା ।

ସୁନାପୁରର ଭିଟାମାଟି ଖୁଣ୍ଡିବାକୁ ମୋତେ ଯେତେବେଳେ ବାଧ କରି ଯାଇଥିଲି ପାଞ୍ଚବର୍ଷ ତଳେ, ଆଜି କେଉଁ ମୁହଁରେ ବା ସେଠାକୁ ଯାଇ ହେବ ? ଲୋକଙ୍କ ମନରୁ ମୋ ପ୍ରତି ଘୃଣା ବୋଧହୁଏ ଆହୁରି ଯାଇ ନ ଥିବ । ଚୌଧୁରୀ ସାହିର ନରି ଚୌଧୁରୀ ଏବେ ବି ବୋଧହୁଏ ବଞ୍ଚିଥିବ ତାର ସେ ବୁନିଆଦିର ଆଭିଜାତ୍ୟ ନେଇ । ସୁନାପୁରର ଶାନ୍ତ ସରଳ ମଣିଷଦଳର ରକ୍ତରେ ବିଷ ଭରିବାର ଏକାନ୍ତ ସୁଯୋଗ ଏ ପାଞ୍ଚବର୍ଷଯାକ ପାଇ, ସେ ନିଶ୍ଚୟ ବିଷାକ୍ତ କରିଥିବ ସୁନାପୁରର ମଣିଷ ପରି ମଣିଷଗୁଡ଼ାକୁ ।

ଛଅ ବର୍ଷ ତଳର ଶ୍ରାବଣ ମାସର କଥା ।

ହେଇଟି କାଲି ପରି ଲାଗୁଛି ।

ସତେ ଯେମିତି ହାତ ବଢ଼ାଇଲେ ଛୁଇଁ ହୋଇପାରିବ ଗଲା ଦିନ କୋଇଟିର ସ୍ମୃତିଗୁଡ଼ାକୁ ।

ଜଳସେଚନ ମନ୍ତ୍ରୀ ଆସି ଆମ ଗାଁ ମେଳଣ-ପଡ଼ିଆରେ ବିରାଟ ସଭାର ଆୟୋଜନ କରି ଭାଷଣ ଦେଲେ । କହିଲେ— ଏଠାରେ ଗୋଟାଏ ଜଳ ଭଣ୍ଡାର ତିଆରି ହେବ । ଜଳ ଭଣ୍ଡାର ତିଆରି ହେଲେ ଆଖ ପାଖ ଅଞ୍ଚଳର ହଜାର ହଜାର ଏକର ଜମି

Digitized by srujanika@gmail.com

ଜଳସେଚିତ ହୋଇ ପାରିବ । କ୍ରମଶଃ ବିଜୁଳି ଶକ୍ତି ବାହାରିବ, କଳ କାରଖାନା ବସିବ, ଲୋକଙ୍କର ଭାଗ୍ୟ ବଦଳିବ ଇତ୍ୟାଦି ଇତ୍ୟାଦି—ଯାହାକୁ ଲମ୍ବାଇଲେ କଥାମାଳାଟି ଦିଗନ୍ତ ପର୍ଯ୍ୟନ୍ତ ବି ଲମ୍ବି ଯାଇ ପାରିବ ।

ନରି ଚୌଧୁରୀ, ସ୍ଥାନୀୟ ନେତା, ଆଗାମୀ ନିର୍ବାଚନର ଭୋଟପ୍ରାର୍ଥୀ ମଧ୍ୟ କରତାଳି ଆଉ ସମର୍ଥନ ସୂଚକ ଭାଷଣ ଦେଇ ଲୋକମାନଙ୍କୁ ଉତ୍ତେଜିତ କରେଇବା ସୁଯୋଗ ଛାଡ଼ିଲେନି । ଛାଡ଼ନ୍ତେ ବା କିପରି ? ସେ ତ ନିଜେ ଡାକି ଆଣିଥିଲେ ମନ୍ତ୍ରୀଙ୍କୁ, ଅବଶ୍ୟ ଭିନ୍ନ ଉଦ୍ଦେଶ୍ୟରେ ।

ଆମେ କେତେଜଣ ପଢ଼ୁଆ ଟୋକା ତାର ପ୍ରତିବାଦ କଲୁ । ଯେଉଁଠି ପ୍ରାକୃତିକ ସୁବିଧା ନାହିଁ, ଅର୍ଥାତ ପାହାଡ଼ ଘେରା ଅଞ୍ଚଳ ନାହିଁ, ସେଠି ଜଳ ଭଣ୍ଡାର କରାଗଲେ ସରକାରଙ୍କର ଅଜସ୍ର କ୍ଷତି ହେବ । ଅନେକ ଚାଷ ଜମି ଜଳ ପତ୍ତନ ତଳେ ବୁଡ଼ିଯିବ । ଏଠା-କାର ଭୂମିହୀନ କୃଷକମାନେ ଏତେଟା କ୍ଷତି ସହି ଜୀବିକା ନିର୍ବାହ କରି ପାରିବେନି । ବରଂ ସୁନାପୁରଠାରୁ ପାଞ୍ଚ ମାଇଲ ଉତ୍ତରକୁ ଥିବା ଅହିରାଜ-ମୁଣ୍ଡିଆ ସନ୍ନିକଟ ଅଞ୍ଚଳରେ ଜଳ ଭଣ୍ଡାର ସୁର-କ୍ଷିତ ହେବ ଓ ପାଣି ଖୁବ ସହଜରେ ନିମ୍ନଭୂମି ଆଡ଼କୁ ଗଡ଼ିଆସି ପାରିବ । ଅବଶ୍ୟ କେତେଟା ଆମ୍ବ, ପୋଲଙ୍ଗ ଗୋଟା ବୁଡ଼ିଯାଇ ପାରେ । କିନ୍ତୁ ଚାଷ ଜମି ତ କ୍ଷତିଗ୍ରସ୍ତ ହେବନି !

ନରି ଚୌଧୁରୀଙ୍କ ଆଖି ଦୁଇଟା ସେଦିନ ପ୍ରାଗୈତିହାସିକ ଡ଼ନୋସାରର ବଡ଼ ବଡ଼ ଆଖି ପରି ଦପ୍ ଦପ୍ ହୋଇ ଅନ୍ଧାର ଧ୍ରାପ୍ୟାନ୍ଧକାର ଭିତରେ ଜଳି ଉଠିଲା ।

Digitized by srujanika@gmail.com

ନର ସୈଂଧୁଣ୍ଡା ଚାହୁଁଥିଲେ କେବଳ ସୁନାପୁର ଇଲାକାର ଶ୍ରେଷ୍ଠୀଙ୍କ ଅକୁଣ୍ଠ ସମର୍ଥନ ତାଙ୍କ ନିର୍ବାଚନ ପାଇଁ । ଏଣିକି ଏକର ଜମି ଜଳଭଣ୍ଡାର ତଳେ ଫସିଲ ହେଉ ବା କେତେ ନ ହେଲେ କେତେ । ତାଙ୍କର ବା କଣ ପରୁଆ ? ସୁନାପୁରର ଜନତା ନର ସୈଂଧୁଣ୍ଡାର ଅସଲ ସ୍ୱରୂପ ବିଷୟରେ କିଛି କିଛି ଜାଣିଥିଲେ ବି କେତେଜଣ ସୁନାମ ଧନ୍ୟ ଠାଉଠରଙ୍କ ହାତ ବାରସୀ ହୋଇ ହୁଁ-ହାଁ ହୁଁ-ହାଁ କରି କରତାଳି ଦ୍ୱାରା ସମର୍ଥନ ଜଣାଇ ପ୍ରତି କଥାରେ ହୁଁ ଭରିଲେ ।

କ୍ରମଶଃ ଜନମତ ଫଙ୍ଗପାଳ ଭଳି ଗୋଡ଼ାଇଲା ନର ସୈଂଧୁଣ୍ଡାଙ୍କ ପଛରେ । ଆମେ କେତେଜଣ ହେଲୁ ତଥାକଥିତ ସମାଜର ବଡ଼ ପଣ୍ଡାମାନଙ୍କର ଚକ୍ଷୁଶୂଳ ।

ଠିକ୍ ତାର ଦୁଇ କି ତିନିମାସ ପରେ ସୈଂଧୁଣ୍ଡାଙ୍କ ପରାମର୍ଶରେ ଆସିଲେ ସେଇ ମନ୍ତ୍ରୀ । ଖୁଣ୍ଟ ଦେବାକୁ ବାହାରିଲେ ପ୍ରସ୍ତାବିତ ଜଳଭଣ୍ଡାରର ଭିତ୍ତିପ୍ରସ୍ତର । ବିରାଟ ଏକ ସଭାର ପସରା ବସିଲା ସୁନାପୁର ମାଟିର ସବୁଜ ଗୁଣ୍ଡ ଉପରେ । ରାତି ରାତି ଦଶ କି କୋଡ଼ିଏ ଖଣ୍ଡ ଟ୍ରକରେ ଆସି ଜମା ହେଲା ଅତିକାୟ ପଥର । ଯେଉଁଠି ଦିନେ ସବୁଜ ଶସ୍ୟର ମନ ମତାଣିଆ ଗନ୍ଧ କାର୍ତ୍ତିକର ହେମାଳ ପବନରେ ପହଁରି ବୁଲୁଥିଲା ସେଇଠି ପର୍ବତ ପ୍ରମାଣେ ପଥର ଜମା ହୋଇ ତା'ର ତଳେ ଫସିଲ ହେଲା ଶହ ଶହ ଚାଷୀ ମୂଲିଆର ଯୁଗଯୁଗର ସଞ୍ଚିତ ଚାଷଜମି ।

ମନ୍ତ୍ରୀ କହିଲେ—ଲୋକମାନଙ୍କୁ କ୍ଷତିପୂରଣୀ ଜମି ଦାମର ଦୁଇଗୁଣ ହାରରେ ଦିଆଯିବ । ଗୋଠ ମାତିଲେ ଖଣ୍ଡିଆ ମାତିଲା ପରି ଗୋଟି ଗୋଟି ହୋଇ ସମସ୍ତେ ତାଙ୍କ କଥାରେ ଭୁଲିଗଲେ ।

Digitized by srujanika@gmail.com

ଅମେ ବା! କେତେଦିନ ନୀରବ ଦର୍ଶକ ହୋଇ ଆଣ୍ଠୁମୂଳିରେ ମୁଣ୍ଡ ଜାକି ବସି ରହନ୍ତୁ ? ତିଆରି କଲୁ ଯୁବ ସାମ୍ମୁଖ୍ୟ । କ୍ରମଶଃ ଦଶ କି ପନ୍ଦର ଟା ଦିନ ଭିତରେ ପ୍ରାୟ ଶହେ ହେବ ଶ୍ରେଷ୍ଠ ପିଲାଙ୍କ ଠାରୁ ଆରମ୍ଭ କରି କଲେଜ ପଢ଼ୁଆ ଯୁବକ ବି ସଭ୍ୟ ହେବାକୁ ଲାଗିଲେ । ଲକ୍ଷ୍ମଣ ମିଶ୍ରଙ୍କ ବାଲ୍ୟ ବିଧବା ଝିଅ ସୁରଭି ବି ଅତି ଆକସ୍ମିକ ଭାବରେ ଆସି ଯୋଗଦେଲା ଆମ ଦଳରେ । ସେଇଠି ଆରମ୍ଭ ହେଲା ରକ୍ଷଣଶୀଳ ଓ ଅନ୍ଧବିଶ୍ୱାସୀ ଲଗା ସମାଜର ପ୍ରତି ସ୍ତରରେ ଭୂମିକମ୍ପ । ଗାଁର ବଡ଼ ବଡ଼ିଆ ଓ ସ୍ୱୟଂ ଲକ୍ଷ୍ମଣ ମିଶ୍ର ବି ଆସି ଆମକୁ ଜୀବନରେ ମାରିଦେବାର ଧମକ ଦେଲେ । ଆମେ କେତେ-ଜଣ ନେତୃସ୍ଥାନୀୟ ଯୁବକମାନଙ୍କୁ ନିଆଁ-ପାଣି-ଧୋବା-ଭଣ୍ଡାରୀ ବାସନ୍ଦ କରାଗଲା । ଗାଁ କୋଠ ଘରେ ନ୍ୟାୟ ବସିଲା । ଆମଠାରୁ ଜୋରିମାନା ଆଦାୟ କରିବା ପାଇଁ ପ୍ରସ୍ତାବ ଆସି ଜବରଦସ୍ତି ଅନୁମୋଦିତ କରାଇ ନିଆଗଲା ।

ଅବଶ୍ୟ ଅନେକ ଏଥିରେ ଆପତ୍ତି କରିଥିଲେ । କିନ୍ତୁ ନିରି ଶ୍ରେଷ୍ଠୀଧୁରୀର ଟଙ୍କାର ଲୋଭ ସମସ୍ତଙ୍କ ସ୍ୱାଧୀନ ଚିନ୍ତାଶକ୍ତିକୁ କାବୁ କରିଦେଲା ।

ଦିନକର ମୁହଁ ସଞ୍ଜବେଳର କଥା । ସୁରଭି ଅମ ଘରେ ଆସି ଝଡ଼ ବେଗରେ ପାଦ ଦେଲା । ସୁରଭିକୁ ଆମ ଘରକୁ ଆସିବାର ଦେଖି ଗାଁ ଟା ଯାକର ଲୋକ ଦେଉଳ ଦୁଆର ପରି ଜମା ହେଲେ ଆମ ଦାଣ୍ଡରେ । ଘର ଜାଳି ଦେବାର ଧମକ ଦେଲେ । ଆଉ ତ ଉପାୟ ନ ଥିଲା, ପରିବାରର ଇଜ୍ଜତକୁ ବଞ୍ଚାଇବାକୁ ଯାଇ ବାଧ୍ୟ ହୋଇ ଘରୁ ଗୋଡ଼ କାଢ଼ିଲି ସବୁଦିନ ପାଇଁ । ସାଥିରେ ସୁରଭି । ପିଲାଦିନର ଖେଳସାଥି, ଚିର ଦୁଃଖିନୀ ସୁରଭି । ରାତି ରାତି ଗାଁ ଛାଡ଼ି ପଧାନ ପଡ଼ା ଦାଣ୍ଡ ଧରିଲୁ ।

Digitized by srujanika@gmail.com

ତାପରେ ପ୍ରଧାନ ପଣ୍ଡାରେ ପୁଣି ଥରେ ଆରମ୍ଭ ହେଲା ଆମର ଦଳ ଗଠନ । ଅନେକ ପୁରୁଣା ବନ୍ଧୁ ଓ ସହକର୍ମୀ ଯୋଗ ଦେଲେ । ଘୁମେଇ ପଡ଼ିଥିବା ଅନୁଷ୍ଠାନ ପୁଣି ଚଳଚଞ୍ଚଳ ହେଲା ନୂତନ କର୍ମ ପ୍ରେରଣାର ଉଦ୍ଦାମ ସଙ୍ଗୀତରେ ।

ପରବର୍ଷ ପୁଣି ସେଇ ମନ୍ତ୍ରୀ ଆସିଲେ । ଆରମ୍ଭ ହେଲା ଆମର ଯୁବ ଆନ୍ଦୋଳନ । ଜଳ ଭଣ୍ଡାର ପାଇଁ ଜମା ହୋଇଥିବା ପଥର ଗଦାରେ ବସି ଆମେ କଲୁ ସତ୍ୟାଗ୍ରହ । ପୋଲିସ ଆସିଲେ । ହେଲା ଅମାନୁଷିକ ଲାଠିମାଡ଼ । ଆମେ ସବୁ ଗୋଟି ଗୋଟି ହୋଇ ଆରେଷ୍ଟ ହେଲୁ । ଅନ୍ୟମାନେ ଅବଶ୍ୟ ଜାମିନ୍‌ରେ ଖଲାସ ହେଲେ, ମୋ ନାଁରେ କିନ୍ତୁ ଆକ୍ରୋଶମୂଳକ ଭାବରେ ରୁଜୁ ହେଲା ଦଙ୍ଗାଗୋଳ ପାଇଁ ମିଥ୍ୟା ମୋକଦ୍ଦମା ।

ସନ୍ଧ୍ୟା ହେଲା ମାତ୍ରେ ଗୁରୁଆଡ଼େ ଛାଟିକବାଟ ପଡ଼ିଗଲା । ଲୋକେ ବାହାରକୁ ବାହାରିଲେ ନାହିଁ । ଅଶିତର ବନ୍ଧୁମାନେ ବି ମୋତେ ସବୁଦିନ ପାଇଁ ନିଃସଙ୍ଗ ହେବାକୁ ଦେଇ ଘରେ ଲୁଚିବାରେ ଲାଗିଲେ । ଗୋଟାଏ ହେଲେ ସପକ୍ଷ ସାକ୍ଷୀ ମିଳିଲେନି ।

ଏକମାତ୍ର ସୁରଭି ହିଁ ବିଚାରାଳୟରେ ସାକ୍ଷ୍ୟ ଦେଇଥିଲା ମୋ ସପକ୍ଷରେ, ଅବଶ୍ୟ ମୋର ଶତ ବାରଣ ସତ୍ତ୍ୱେ । ତଥାପି ମୁଁ ଉଦ୍ଧାର ପାଇଲିନି ।

ସୁରଭି ଜୀବନର ପବିତ୍ରତାକୁ ଅକ୍ଷତ ଓ ଅମଳିନ ରଖିବାର ଚେଷ୍ଟାକରି ମୁଁ ନିଜେ ହେଲି କଳଙ୍କିତ । ନାରୀ ଧର୍ଷଣ ମୋକଦ୍ଦମା ବି ମୋ ବିରୁଦ୍ଧରେ ରୁଜୁ କରାଗଲା । ମାନିନେଲି ସବୁ କିଛି । ଦଣ୍ଡ

Digitized by srujanika@gmail.com

ସବୁକୁ ଅମୃତ ଭାବି ଶୋଷି ନେଲି । ଆଉ ବା କଣ କହିଥାନ୍ତି ? ଶେଷରେ ବର୍ଗରାଜପୁ ହିଁ ମୋତେ ଅଭିଯୁକ୍ତ କଲା ।

ସୁରଭିଠାରୁ ବିଦାୟ ନେଇ ଆସିଲି ସୁଦୂର କଟକ ଜେଲକୁ ଅନେକ ବଣ ପାହାଡ଼ ଡେଇଁ । ତାପରେ ସୁରଭିକୁ ଆଉ ଦେଖିନି ଏଯାଏଁ । ସୁରଭି ମରିଛି କି ବଞ୍ଚିଛି ତା ବି ଜାଣିବାର ସୁଯୋଗ ମିଳିନି ।

ଧ୍ୟାନ ମୋର ଭାଙ୍ଗିଗଲା । କାଳିଆ କାଳିଆ କୁକୁରଗୁଡ଼ାକ ଚୋର ବୋଲି ଭାବି ଝପଟି ଆସିଲେ ମୋର ଆଡ଼କୁ । ପଛକୁ ଫେରି ଚାହିଁଲି ମୁଁ । ପଧାନ ପଡ଼ା ଗାଁ ମୁଣ୍ଡ ଦୋକାନରେ ବତି ଜଳିଲାଣି ଅନ୍ଧାରର ସାନ୍ଦ୍ରତାକୁ ଉପହାସ କରି । ମନରେ ଅସୁମାରି ଉତ୍କଣ୍ଠା ନେଇ ଆଗେଇଲି ଦୋକାନ ଆଡ଼କୁ ।

ପଧାନ ପଡ଼ାର ସାହୁ ପୁଅ ମୋତେ ଦେଖି ଟିକିଏ ଦୋ-ଦୋ ଚିହ୍ନା ହେଲା । ପରିଚୟ ଦେବାରୁ ଅବଶ୍ୟ ଚିହ୍ନିଲା । ହଜିଲା ଧନ ପାଇଲା ପରି ଆନନ୍ଦରେ କୁଣ୍ଢାଇ ଧରି ଅନେକ କାନ୍ଦିଲା । ମୁଁ ବି ନିଜ ଅଜାଣତରେ କାନ୍ଦି ପକାଇଲି ।

ମୁଁ ପଚାରିଲି—କଣ ହୋଇଛି ସାହୁ ମଉସା, ତମେ ଏମିତି କାନ୍ଦୁଛ କାହିଁକି ? ତମର ଏଠିକି ତ ଏଇ ନିକଟରେ ବିଜୁଳିବତି ଆସିଯିବ । ଷ୍ଟେସନ ପାଖ ରାସ୍ତାକୁ ଲାଇନ ଆସିଗଲାଣି, ଏଠିକି ଆସିବାକୁ ଆଉ କେତେ ଡେରି ?

ତଥାପି ତା ପାଟିରୁ କଥା ବାହାରିଲାନି ! ସେ ଯେମିତି କୋଣାର୍କର ନିର୍ଜ୍ଜୀବ ପ୍ରସ୍ତର-ନଟୀ ଭଳି ମୂକ ପାଲଟି ଯାଇଛି ।

Digitized by srujanika@gmail.com

ବହୁତ କଷ୍ଟରେ କୋହ ସମ୍ଭାଳି କହିଲି—କଣ ମିଳିବ ପୁଅ ସେ ବିଜୁଳିରୁ ? ସବୁ ତ ଗଲା । ସରକାର କି ଯୋଜନା କଲେ ସୁନା-ପୁର ଆଉ ସୁନାପୁର ହୋଇ ନାହିଁ । ଅନେକ ଦିନରୁ ପାଣି ଭିତରେ ବୁଡ଼ି ରହି ମରି ହଜି ଗଲାଣି । ଗାଁ ଲୋକେ ଯେ ଯୁଆଡ଼େ କରମ ଆଦରି ଚାଲିଗଲେଣି । ଆଉ ଜମି ଅଛି ଯେ, ପାଣି ମାଡ଼ିବ, ଚାଷ ହେବ ?

ମୁଣ୍ଡ ମୋର ଘୂରିଗଲା । ପାଦ ତଳର ପୃଥିବୀ ନଈ ଅତଡ଼ା ଖାଇ ମାଟି ଖସିଲା ପରି ଖସୁଛି । ସାହୁ ମଉସାଙ୍କୁ ଜଣେଇଲି ପ୍ରଣାମ । ଆଉ ଗଲିନି ଆଗକୁ । ସୁରଭିର ଖୋଜ ଖବର କେହି ଦେଇ ପାରିଲେନି । ସାହୁ ମଉସା ବି ମାଜିବ । ଅତୀତର ସମସ୍ତ ଘଟଣା ଯେମିତି ଇତିହାସ ଗର୍ଭରେ ପୋତି ହୋଇ ଫସିଲ ହୋଇ-ଗଲାଣି ବହୁଦିନରୁ ।

ଫେରିଲି ଷ୍ଟେସନ ଆଡ଼େ ।

ପ୍ରାନ୍ତରର ପ୍ରଶସ୍ତ ସେଇ ସୁର୍‌କି-ବିଛା ରାସ୍ତାରେ ଯନ୍ତ୍ରଚାଳିତ ପରି ପାଦଦୁଇଟା ମୋର ଆଗେଇଲା ଷ୍ଟେସନ ଆଡ଼କୁ ।

ନଷ୍ଟ୍ରଧାମ ସହରର ସଙ୍କେତ ବହନ କରି ଦୂର ଷ୍ଟେସନରେ ନିର୍ଜୀବ ବତୀଗୁଡ଼ାକ ଯାହା ମୁମୂର୍ଷୁ ରୋଗୀର ଆଖିପରି ଜଳିବାର ଦେଖା ଯାଉଥିଲା ।

ରାସ୍ତା କଡ଼ର ଆମ୍ବ ଗଛରୁ ଖଡ଼ ଖଡ଼ ହୋଇ ଖସି ପଡ଼ିଲା କେଇ ଖଣ୍ଡ ଶୁଖିଲା ଡାଳ । ସେଇ ବୋଧହୁଏ ସୂଚେଇ ଦେଉଥିଲା ଯେ ଦୁନିଆ ପ୍ରତି ମୋର ସମସ୍ତ କର୍ତ୍ତବ୍ୟ ସରି ଆସିଛି । ମୁଁ ଯେମିତି ଏକ ତୈଳହୀନ ଆଲୋକସ୍ତମ୍ଭ ଶେଷହୀନ ଭାବରେ ଜଳିବାକୁ ଚେଷ୍ଟା କରୁଛି ନଷ୍ଟ୍ରଧାମ ସହରର ପଥ ପ୍ରାନ୍ତରେ ।

Digitized by srujanika@gmail.com

ମରୁନଦୀ

ପଥର ଚଟାଣରେ ଜହ୍ନ ପଡ଼ୁଛି । ଦିଶୁଛି ମାର୍ବଲ ପଥର ପରି । ପାଖରେ କାଠଚମ୍ପାର ଏକ ଶୁଖିଲା ଗଛ । ତଳେ ତା'ର ଛାଇ ଯେମିତି ପାପୁଲିର ଅଦୃଷ୍ଟଗାର ପରି ଜାଲ ବିଛେଇ ଦେଇଛି । ସେଇ ଉର୍ଣ୍ଣନାଭ ଜାଲ ଭିତରେ ଚାଲି ଯାଉଯାଉ ପ୍ରବୋଧ ସତେ-ଯେମିତି ଅସ୍ପଷ୍ଟତାରେ ଛନ୍ଦହୋଇ ଛଟପଟ ହୋଇପଡ଼ୁଥିଲା । ମନ ଭିତରଟାରେ ଯେମିତି ଭଉଁରୀ ଖେଳୁଛି । ସେ ଚାହିଁଲା ପ୍ରସ୍ତର-ଶଯ୍ୟାର ନିମ୍ନରେ ଥିବା ନଦୀ ବକ୍ଷକୁ । କାହାର ସ୍ୱର ଯେମିତି ନୂଆକରି କୁହାଟମାରି ଚାଲିଗଲା । ନା' ସେ କୌଣସି ନାରୀର ହସ ପୁ ରୁଷଟି ଆଖିରେ ଅନ୍ଧପୁଟୁଳି ବାନ୍ଧି ତାକୁ ଖୋଜୁଛି, ନାରୀଟି ଧରା ଦେଉନି । ବେଶ୍ ମଜାରେ ଖେଳୁଛନ୍ତି ସେମାନେ । ପ୍ରବୋଧ ଘଡ଼ିଏ ଚାହିଁରହିଲା ସେଇ ଆଡ଼େ । ପ୍ରସ୍ତର ଶଯ୍ୟାରୁ ବିହ୍ୱଳ ଜ୍ୟୋତ୍ସ୍ନାସ୍ନାତ ହୋଇ ସେ ଉହୁଁକ ଦେଖୁଥିଲା । ହଠାତ୍ ସବୁ ଯେମିତି ଆହୁରି ଗୋଳମାଳ ହୋଇଗଲା । କାନରେ କାହାର ପ୍ରଚଣ୍ଡ ଟିପ ଯେମିତି ତା' ହୃଦୟରେ ଖେଳୁଥିବା ଏକ ଷୋଡ଼ଶୀର ପଡ଼ରେ ତାଳ ଛୁଡ଼େଇ ପଖାଜର ବାଁ କରଣରେ ଆଘାତ କରୁଛି । ସେ ଅନେଇ ଦେଖିଲା ।

"ପ୍ରବୋଧକ, ରେ ଭୂ ? ? କ'ଣ ଦେଖୁଛୁ ଏତେ ?"

Digitized by srujanika@gmail.com

"ଆରେ ନା, ସେ ସବୁ କଣ୍ଟ ନୁହେଁ । କହ, ତୁ କୁଆଡ଼େ ? ପୁଣି ସରକାରୀ ପୋଲିସ ପୋଷାକରେ ! ବହୁତଦିନ ପରେ ଦେଖା, ଭଲ ହେଲା । ଜୀବନର ଶେଷ ଯବନିକା ପତନ ପୂର୍ବରୁ ତତେ ଟିକିଏ ଦେଖିନେଲି ।"

"କିନ୍ତୁ କାହିଁକି ? କାହିଁକି ତୁ ଆଜି ଖୁଣୀ ଆସାମୀ··· । ସାମାଜିକ ଜୀବ ଭାବରେ ମଣିଷର ମୁକ୍ତ ଭାବରେ ବିଚରଣ କରିବା ପରିବର୍ତ୍ତେ, ତୁ ଆଜି ଜନଜୀବନର ଅନ୍ତରାଳରେ ନିଜକୁ ସବୁଦିନ ପାଇଁ ଲୁଚାଇବାକୁ ଚାହୁଁଛୁ ? ତୁ କ'ଣ ସତରେ ସାମାଜିକତା ଚାହୁନା ? ମଣିଷର ଜନ୍ମଗତ ପ୍ରବୃତ୍ତି ଆଉ ଅଧିକାରକୁ ତୁ କ'ଣ ଅସ୍ୱୀକାର କରିବୁ ?"

"ତୋ ପ୍ରଶ୍ନର ଉତ୍ତର ମୁଁ ନିଶ୍ଚୟ ଦେବି । ଏଇଥିପାଇଁ ଆଜି ହୁଏତ ମତେ ପୁଣି ସେଇ କୋଡ଼ିଏ ବର୍ଷ ତଳର ଦରଦଜା ଆଉ ମଳି ଅତୀତର ସ୍ମୃତିସବୁକୁ ସାଉଁଟିବା ପାଇଁ ଅତୀତକୁ ଫେରିଯିବାକୁ ପଡ଼ିବ । ହଉ ଶୁଣ···

ମୋର ଜନ୍ମ କେଉଁ ଏକ ମହାଯୁଦ୍ଧର ଉତ୍ତପ୍ତ କଡ଼ାହ ଭିତରେ ହୋଇଥିଲା କେଜାଣି, ଠିକ୍ ମତେ ଯେତେବେଳେ ଅଢ଼େଇ ବର୍ଷ ସେତେବେଳଠାରୁ ପିତାଙ୍କ ସ୍ନେହରୁ ସବୁଦିନପାଇଁ ବଞ୍ଚିତ ହେବାକୁ ହିଁ ପଡ଼ିଥିଲା । ସେତେବେଳେ ମୁଁ ଥିଲି ଏକ ଅବୋଧ, ସରଳ, ନିରୀହ ଓ ନିଷ୍ପାପ ଶିଶୁ । ସାମାଜିକ ଚେତନାରେ ମୁଁ ଥିଲି ସମ୍ପୂର୍ଣ୍ଣ ଅଜ୍ଞ । ଫୁଲପରି ନରମ, କୋମଳ, ମୂଲ୍ୟମ ଓ ସୁରଭିତ ଜୀବନ ନେଇ ଆସିଥିଲି ଏ ସଂସାରକୁ ! କୌଣସି ବାହ୍ୟ ଜଗତର ଚିନ୍ତା ମୋ ମନରେ ଆସ୍ଥାନ ଜମେଇ ପାରିନଥିଲା । ପିତାଙ୍କ ମୃତ୍ୟୁ

Digitized by srujanika@gmail.com

ବେଳକୁ ଆମ ଘରର ଆର୍ଥିକ ଅବସ୍ଥା ନିଶ୍ଚିତ ଭାବରେ ଶୋଚନୀୟ ହୋଇଆସିଥିଲା । କୌଣସିମତେ ମୋ ସ୍ନେହସଜଳା ମା ଓ ମୁଁ ଦୁଇ ତିନିବର୍ଷ ଅଭାବ ଓ ଅନାଟନର ସ୍ୱାଭାବିକ କଷାଘାତ ଭିତରେ ଚଳିଗଲୁ । ଶେଷକୁ ଏ ସମାଜର ନ୍ୟସ୍ତସ୍ୱାର୍ଥ ଦଲାଲମାନଙ୍କ ଦ୍ୱାରା ବାପଅଜା ଅମଳର ସ୍ମୃତିର ସଂକେତ ଓ ନିଶାଣ ଖଣ୍ଡ-,ଘର-ଖଣ୍ଡିକ, ଯାହାର ଚଟାଣରେ ଏବେବି ପିତୃପିତାମହଙ୍କର ରକ୍ତ ଓ ଲୁହ ହୁଏ ଜମାଟବାନ୍ଧି ରହିଛି, ନିଲାମ ହୋଇଗଲା । ଶେଷକୁ ଗାଁ ମୁଣ୍ଡରେ ବରଗଛମୂଳ ଚଉପାଢ଼ୀ ହିଁ ହେଲା ଆମର ଆଶ୍ରୟ ସ୍ଥଳ ।

ମା ସାଙ୍ଗରେ ମୁଁ ଘୂରିବୁଲେ ନିତିଦିନ ସାହି-ସାହି ଘର ଘର ଭିକ୍ଷା ଆଶାରେ ଆଶାୟୀ ହୋଇ । ଲୋକେ, ଭିକ୍ଷା ଦେବାର ଛଳରେ ମୋ ମା'ର ଲାସ୍ୟମୟୀ ତନୁ ଉପରେ ବାରମ୍ବାର କଟାକ୍ଷପାତ କରିବାରେ ଅବହେଳା କରୁଥିଲେ ବୋଲି ମୋ'ର କାହିଁକି ମନେ ହେଉନି । ତା ପରେ ଆସିଲେ ଗୁଣ୍ଡା ଓ ମଦ୍ୟପୀ । ସେମାନେ ବା ଆମ ପିଣ୍ଡ ଛାଡ଼ନ୍ତେ କିପରି ?

ସେଦିନ ହୋଇଥାଏ ରବିବାର । ଶେଷ ଆଶ୍ୱିନର ଏକ କାକରଭିଜା ସଂଧ୍ୟା । ପିତେଇପଡ଼ା ସାଆନ୍ତଙ୍କ ଘରର ଖୁଆଡ଼ ଆଗରେ ଠିଆ ହେଲୁ । ପାଦ ଅଉ ଆଗକୁ ଚଳୁନଥାଏ । ଶିରଶିର କୋହଲା ପବନର ଧକ୍କାରେ ଆମେ ଗଛଅଗିଶିଖ ବରଡ଼ାପତ୍ର ପରି ଟେଟାପଟେ ଥର ଥର ସେଇମିତି ଠିଆ ହୋଇଥାଉ । ସଂଧ୍ୟାର ପ୍ରାୟାନ୍ଧକାର କ୍ରମଶଃ ମାଡ଼ି ଆସୁଥାଏ ନିବିଡ଼ଭାବରେ ।

ଶେଷରେ ଆମର ଧୈର୍ଯ୍ୟ ସମସ୍ତ ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଆସିଲେ ମଧ୍ୟ ସାଆନ୍ତ, ସମାଜର କଥାକଥିତ ବଡ଼ପଣ୍ଡା,

Digitized by srujanika@gmail.com

ସାମନ୍ତରାୟ ବଂଶର ଗର୍ବ ଓ ଗୌରବ । ମା ମୋ'ର ତାଙ୍କ ଘରେ ଟିକଏ ଆଶ୍ରୟ ପାଇଁ ନିବେଦନ କଲା । ସେ ନିବେଦନ ଆଉ କାକୁତି ମିନତିର ଫଳ କଣ ମିଳିଲା ଜାଣୁ ? ଖାଲି ବ୍ୟଙ୍ଗ, କଟୂକ୍ତି ଆଉ ପର୍ବତପ୍ରମାଣେ ତାଚ୍ଛଲ୍ୟର ଗୁରୁଭାର ।

ମଧୁ ସାଆନ୍ତରା ତାଙ୍କର ସ୍ୱଭାବ ସୁଲଭ ଅଭିଜାତ ଭଙ୍ଗୀରେ କହି ଉଠିଲେ—ବେଶ୍ ତ ଯୌବନ ଅଛି, ନିଟୋଳ ସ୍ୱାସ୍ଥ୍ୟ । ଯେ କୌଣସି ମଣିଷକୁ ବଶୀଭୂତ କରିବାର ଶକ୍ତି ତୋର ଅଛି । ତୁ ପୁଣି ମୋ ଘରେ ଗୃହକର୍ମ କରିବୁ ? ନା, ନା ତା କେବେ ମଧୁ ସାଆନ୍ତରା କରେଇ ଦେବନି । ହେଲେ ସିଏ ଅଭିଜାତ ବଂଶର କୁଳବଧୂ ଥିଲା ତାକୁ ମୁଁ ନିଜର ନୌକରାଣୀ ଖଟେଇବ ? ସେ କଥା ମୋ ଦେହାତି ହୋଇ ପାରିବନି । ତୋର ଯଦି ଆପତ୍ତି ନ ଥାଏ ତା ହେଲେ ଏ ଘରର ରାଣୀ ହୋଇ ତୁ ଅପୂସ କରିବୁ ଏ ଘରେ । କୌଣସି ଅସୁବିଧା ହେବନି ତୋ'ର । କିନ୍ତୁ ପିଲାଟିକୁ ଗ୍ରହଣ କରି ହେବନି ମୋ ପକ୍ଷରେ ।

ମା'ର ଆଖି ଲୁହରେ ପୂରି ଉଠିଲା ।

ସନ୍ଧ୍ୟା ଆକାଶର ଅନ୍ଧାରକୁ ବିଦ୍ରୂପ କରି କେଇ ଗୋଟି ତାରା ଜଳି ଉଠିଲା ପରି ମା ଆଖିର ଲୁହ ସବୁ ଜମାଟ ହୋଇ ଅନ୍ଧାର ଭିତରେ ଜଳି ଉଠିଲା । ତା ମନଗହନର ଦାରୁଣ ବେଦନା ମୁଁ ବେଶ୍ ବାରି ପାରିଥିଲି ।

ଅକଥନୀୟ ନୀରବତା ଭିତରେ ରକ୍ତ ମୋର କ୍ରମଶଃ ଉତ୍ତପ୍ତ ହୋଇ ଉଠୁଥିଲା ଜ୍ୱଳନ୍ତ ବ୍ଲାଷ୍ଟଫର୍ଣ୍ଣେସର ଉତ୍ତାପ ନେଇ । ସତେ ଯେମିତି ମୋ ମୁଣ୍ଡ ଭିତରେ ଏଇମାନ ଶହ ଶହ ବିଷାକ୍ତ ନାଗ ଲୁଆ ଜନ୍ମ ନେଇଛନ୍ତି ।

Digitized by srujanika@gmail.com

ମାକୁ ଜବରଦସ୍ତି ଭିଡ଼ନେଇ ବାଂଠଭିର୍ଙ୍ଗି ଗୁଳିଯିବା ଛଡ଼ା ଅନ୍ୟ ଉପାୟ ନ ଥିଲା ମୋର ।

ଆଉ ଦିନକର କଥା । ମାକୁ ଧରିଲା ଇନ୍‌ଫ୍ଲୁଏଞ୍ଜା । ସେ ଆଉ ଶୋଷରୁ ଉଠିନି ସେଦିନ । ଔଷଧ ଆଶାରେ ସୂର୍ଯ୍ୟୋଦୟ-ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଘର-ଘର ସାହି-ସାହି ଘୁରି ବୁଲିଲି ପାଗଳଙ୍କ ଭଳି ।

ସେତେବେଳେ ତ କାହିଁ କେହିହେଲେ କହି ନ ଥିଲେ ଯେ ମୁଁ ପାଗଳ ହୋଇଯିବି ! ଅଥଚ ଆଜି, ଜୀବନର ଅନେକ ପାହାଚ ଡେଇଁ, କଣ୍ଟା ବଣରେ ଧକ୍‌କା ଖାଇ ରକ୍ତାକ୍ତ ହୋଇ ଯେତେ-ବେଳେ ମୁଁ ଧାଇଁଛି ଶେଷହୀନ ଭାବରେ କିଛି ଗୋଟାଏ ଦୁରନ୍ତ ସମାଧାନର ଲକ୍ଷ୍ୟ ନେଇ, ଠିକ ସେ ମୁହୂର୍ତ୍ତରେ ସମସ୍ତେ ଆଜି ମୋତେ ଅଭିଯୁକ୍ତ କରି କହୁଛନ୍ତି, ମୁଁ କୁଆଡ଼େ ପାଗଳ, ମାନ-ସିକ ଭାରସାମ୍ୟ ହରେଇଛି ! ତୁ ବି ପଚ୍ଛେଇନୁ ମୋତେ ପାଗଳ କହି ଡ଼ାକିଇ ଦେବାରେ । ସେ ଯାହା ହେଉ, ଗୋଟାଏ ନଷ୍ଟ-ନକ୍ଷତ୍ରର କକ୍ଷ-ଚ୍ୟୁତ ଜୀବନ କାହାଣୀ ଶେଷ ନ କରି ରହି ହେଉନି ।"

"ତା'ପରେ କଣ ହେଲା ?" ବିଷାଦ- ଉତ୍କଣ୍ଠା ମିଶା ଆହତ ସ୍ୱରରେ କହି ଉଠିଲା ସମରେଶ ।

"ହଁ ! ତାପରେ କଣ ହେଲା ? ସତରେ କଣ ହେଲା ବା ତାର ! ଆଚ୍ଛା ସମରେଶ, ତୁ କଣ ଭାବୁଛୁ କିଛି ଗୋଟାଏ ହୋଇ-ଥିବ ବୋଲି ? ଅବଶ୍ୟ ପୋଲିସ ଅଫିସର ହିସାବରେ ତୋର ସନ୍ଦେହୀ ମନ ନିଶ୍ଚୟ କିଛି ଗୋଟାଏ ରହସ୍ୟ ଉନ୍ମୋଚନ ପାଇଁ

Digitized by srujanika@gmail.com

ବ୍ୟଗ୍ର ହୋଇ ଉଠିବା ସ୍ୱାଭାବିକ । ତୁ ବୋଧହୁଏ ସସ୍‌ପେନ୍‌ସର ଉତ୍କଣ୍ଠା କେମିତି ବଢ଼ୁଛି ତା ଶୁଣିବୁ ବୋଲି ଆଗ୍ରହରେ ଶୁଣୁଛୁ ମୋ କଥା । ଆଚ୍ଛା ହେଉ ତାହେଲେ ଶୁଣ । ତୋର ଯଦି ଶୁଣି-ବାରେ ଦ୍ୱିଧା ଆସୁନି ତା ହେଲେ ମୁଁ ଲୁଚେଇବି କାହିଁକି ?

ସନ୍ଧ୍ୟାର ଅନ୍ଧକାର ଯେତିକି ସେତିକି ନଇଁଆସି ମୋ କାନ୍ଧ ଉପରେ ସବାର ହେଉଥାଏ, ହୃଦୟରେ ବ୍ୟର୍ଥତା ଆଉ ଆଖି କୋଣରେ ଲୁହ ସେତିକି ସ୍ପଷ୍ଟ ହୋଇ ଉଠୁଥାଏ ।

ଅଷ୍ଟମୀର ବହଳ ଅନ୍ଧାରର ବୁକୁ ଚିରିଚିରି ଫେରି ଆସୁଥିଲି ଯୁଗଯୁଗର ସଞ୍ଚିତ ପୁଞ୍ଜିଭୂତ ବେଦନା ଓ ନୈରାଶ୍ୟରେ ଭାରାକ୍ରାନ୍ତ ହୋଇ ।

ଘର ଏରୁଣ୍ଡି ଡେଇଁଲା ବେଳକୁ ଆଉ କିଛି ନଥିଲା । ନିଷ୍ପନ୍ଦ ହୋଇ ପଡ଼ିରହିଥିବା ମା'ର ମୃତ ଶରୀର ପାଖରେ ନତଜାନୁ ହୋଇ ବର୍ଷି ଝରିରେଇ ଗଳିଲା ଲୁହ । କଥା କହିବାର ଶକ୍ତି ବି ହରାଇ ବସିଲି । ଏକ କରୁଣାନ୍ତକ ନାଟକର ସଂଘର୍ଷ ସତେ ଯେମିତି ମୋ' ଗୃହ ଭିତରେ ଲହଡ଼ା ଭାଙ୍ଗୁଥିଲା ।

ତାପରେ ପାଗଳଙ୍କ ଭଳି ମା'ର ଶବ ବହନ କରି ଆସିଲି ଏଇ ନଦୀର ତୀରଭୂମିକୁ । ଜୀବନର ସବୁକିଛି ଭସେଇ ଦେଲି ଏଇ ନଦୀ ବକ୍ଷରେ । ହୃଦୟରେ ଅଶେଷ ଜ୍ୱାଳା ଆଉ ଅସୁମାରି ଶୂନ୍ୟତା ନେଇ ରାତିରାତି ବସି ବସି ଏଇ ନଦୀଗର୍ଭକୁ ମୁଁ ଚାହିଁଛି । ଆଖି ମୋ'ର କଷା ପଡ଼ିନି ।

ଫୁଲ ପରି କୋମଳ ହୃଦୟ କ୍ରମଶଃ ପଥରଠାରୁ ଆହୁରି ରୁକ୍ଷ ଆଉ କର୍କଶ ହୋଇଉଠିଲା । ହୃଦୟର ପ୍ରତି ତନ୍ତ୍ରୀ ପ୍ରତିଶୋଧ ଓ ବିଦ୍ରୋହର ଅଗ୍ନି-ଦହନରେ ଉତ୍ତେଜିତ ହୋଇ ରକ୍ତାଭ ହୋଇ ଉଠିଲା । ହରେଇଲା ଭାରସାମ୍ୟ ଓ ଶରୀର ଉପରେ ତା'ର ସ୍ୱାଭାବିକ ପ୍ରତିକ୍ରିୟା । ମୁଁ ଆତ୍ମ ଚେତନା ହରେଇଲି, ହେଲି ସମାଜର

Digitized by srujanika@gmail.com

ଶତ୍ରୁ, ନରଘାତକ ଓ ଖୁଣୀ ଆସାମୀ । ସମାଜର ଅନ୍ଧଶୃଙ୍ଖଳ ବନ୍ଧା ଆଖିରେ ହେଲି ଘୃଣ୍ୟ ଓ ଅବହେଳିତ ।

ତା ପରେ ଅବଶ୍ୟ ମୋ ଜୀବନରେ ପରିବର୍ତ୍ତନ ଆସିଛି । କ୍ଲାଇମେକ୍ସ ରୁ ଆଣ୍ଟି-କ୍ଲାଇମେକ୍ସ କୁ ଖସିଛି ମୁଁ, ଠିକ୍ ସେଇଦିନ ମୁଁ ଚରମ ବିପର୍ଯ୍ୟୟର ପାହାଡରୁ ସମତଳ ଉପତ୍ୟକା ଆଡ଼କୁ ଖସିଲି ଯେଉଁଦିନ ହେଲା ମୋ'ର ପ୍ରଥମ ପରିଚୟ ପଲ୍ଲୀ ଲଳନା ଶର୍ମିଷ୍ଠା ସହିତ । ଶର୍ମିଷ୍ଠାର ଆଯାଚିତ ସ୍ନେହ ଆଉ ଅନାବିଳ ପ୍ରାଣ ବନ୍ଧନରେ ମୁଁ ମୋ ଅତୀତକୁ ଏକ ପ୍ରକାର ଭୁଲିଯାଇଥିଲି କହିଲେ ଚଳେ । ତା'ରି ଅନୁରୋଧରେ ମୁଁ ଡକାୟତି ଛାଡ଼ିଲି ।

ଯେଉଁଦିନ ମୁଁ ପାଖ ପାହାଡରୁ ଗୋଡ଼ଭାଙ୍ଗି ଜୀବନର ପ୍ରଥମ ନ୍ୟାୟୋପାର୍ଜିତ ସମ୍ବଳ ଦେଢ଼ଟି ଟଙ୍କା ନେଇ ଫେରୁଥିଲି ଶର୍ମିଷ୍ଠା ହାତରେ ଦେବା ପାଇଁ ଉତ୍କଣ୍ଠିତ ହୋଇ; ସେଦିନ କ'ଣ ହୋଇଥିଲା ଜାଣ ?

ଆମ ଘରପାଖେ ବ୍ୟୂହରଚନା କରି ଘେରି ରହିଥିବା ସମାଜର ବଡ଼ପଣ୍ଡାମାନଙ୍କର ଜାନ୍ତବ ଦୃଷ୍ଟିର ଅଗ୍ନିବନ୍ୟାରେ ଚିରଦୁଃଖିନୀ ଶର୍ମିଷ୍ଠା ଜଳିପୋଡ଼ି ଛାରଖାର ହେବାକୁ ଲାଗିଥିଲା ।

ସେମାନେ ଚାହିଁଥିଲେ ଶର୍ମିଷ୍ଠାର ଦେହଦାନ । କିନ୍ତୁ ସେମାନେ ବୋଧହୁଏ ଜାଣି ନଥିଲେ ଯେ ଦେହର ଦାହ ଅଛି ପ୍ରବଳ । ଦେହ ପ୍ରତି ଆସକ୍ତ ହେଲେ ଦହନରେ ଅଣନଶ୍ୱାସୀ ହେବାକୁ ପଡ଼ିଥାଏ — ଏ ବିଶ୍ୱାସ ସେମାନଙ୍କର ନଥିଲା ବୋଧହୁଏ ।

Digitized by srujanika@gmail.com

ସେଦିନର ସେହି ବର୍ଷଣହୀନ ଅପରାହ୍ନର କଥା । ଅଣନିଶ୍ୱାସୀ ହୋଇ ଶର୍ମିଷ୍ଠା ଦଉଡ଼ିଲା । ବୃକ୍ଷଆଡ଼େ ଏକାଧିକ ସତର୍କ ଆଖି ଯେମିତି ଅପରାହ୍ଣ ସୂର୍ଯ୍ୟର ଲାଲିମା ନେଇ ରକ୍ତଶିଖା ପରି ଜଳୁଥିଲେ ।

ଶେଷକୁ ଏଇ ପଥରତଳେ ଆତ୍ମଗୋପନ କଲା ଶର୍ମିଷ୍ଠା । କୌଣସି ମତେ ନିଜକୁ ବଂଚାଇବା ପାଇଁ ଚାହୁଁଥିଲା ସେ । ଅବଶ୍ୟ ମୋ ପାଇଁ ସେ ନିଜେ କଳଙ୍କିତ ଜୀବନର ଧକ୍କା ସହି ବି ବଞ୍ଚିବାକୁ ଚାହୁଁଥିଲା । ପଥର ଚଟାଣ ତଳକୁ ଝୁଲିପଡ଼ିଲା ତା'ର କୁନି କୁନି ପାଦ ଦୁଇଟି । କ୍ରମଶଃ ତାର ସେ ଅର୍ଦ୍ଧମୃତ ଝୁଲନ୍ତ ଶରୀର ଅତଡ଼ାଖାଇଲା ପରି ଖସିପଡ଼ିଲା ଜଳାଧାର ଉପରେ ।

ଶର୍ମିଷ୍ଠାର ଶେଷ ଗୋପନ ଚିଠି, ଯାହାକୁ ସେ ମୃତ୍ୟୁର ପୂର୍ବ ମୁହୂର୍ତ୍ତରେ ଲେଖିଦେଇ, ଆମର ଏଇ ପୂର୍ବପରିଚିତ ମିଳନ-ବେଦୀ ପଥର ଚଟାଣ ତଳେ ଶୋଇ ଯାଇଥିଲା, ଏବେ ବି ମୋ ପାଖରେ ଅଛି । ସେ ଚିଠି ଯେମିତି କଥା କହୁଛି । ପ୍ରତିଟି ଲିପି ଯେମିତି ଫୁଲିଲି ଫୁଲିଲି କ୍ଲାନ୍ତ ଆଖିନେଇ କାନ୍ଦୁଛନ୍ତି, ସମବେଦନାରେ ପ୍ରତିଟି ଲିପି ଯେମିତି ସଜଳ ! ଅନୁଶୋଚନା କିଂବା ଅଗ୍ନିବର୍ଷଣର ଏତେ ଟିକେ ବି ସଙ୍କେତ ନାହିଁ !

—"ମୁଁ ଏ ସମାଜର କଳା ପରଦାର ଅନ୍ତରାଳରେ ଦେହ, ମନ, ଯୌବନ ବିକି ପାରେନା ! ଯେଉଁଠି ଦୁର୍ବଳ ଉପରେ ସବଳର ଅକଥନୀୟ ଅତ୍ୟାଚାର; ପ୍ରେମ ନାହିଁ; ଦୟା ନାହିଁ, ସ୍ନେହ ନାହିଁ, ମମତା ନାହିଁ, ଅଛି ଖାଲି ନଗ୍ନତା ଓ ପଶୁର କ୍ଷୁଧା ସେ ସମାଜରେ ମଣିଷ ଦେହ ଧରି ବଞ୍ଚିବାର ସୁଖସ୍ୱପ୍ନ ଦେଖିବା

Digitized by srujanika@gmail.com

ଅପେକ୍ଷା ମୃତ୍ୟୁ ହିଁ ଆଶୀର୍ବାଦ । ସବୁ ବିଷକୁ ଅମୃତଭାବ ଶୋଷି ନେବ—ଏତିକ ମୋର ଅନୁରୋଧ । ମୁଁ କିନ୍ତୁ ନୀଳକଣ୍ଠ ପରି ବିଷ ଶୋଷଣ କରି ପାରିଲିନି ତୁମରି ସ୍ତ୍ରୀ ହୋଇ, କ୍ଷମା ଦେବ ।”

ଏବେବି ସେଇ କଥା କେଇପଦ କାର୍ତ୍ତିକର କୋହଲି ପବନରେ ସତେ ଯେମିତି ପହଁରି ବୁଲୁଛି । ତାର ସେଇ ଭସାଣିଆ ଆଖି ତଳର ଅମାନିଆ ଲୁହଧାର ଆଜି ବି ମୋତେ ଅଥୟ କରି ଦେଉଛି । ତା’ର ସେ ଅଶ୍ରୁଧାର ନୀରବ ହୋଇପାରେ, କିନ୍ତୁ ଜ୍ୱଳନ୍ତ ତା’ର ଅଶ୍ରୁଗାଥା ।

ପ୍ରବୋଧ ଗୁହିଁଛି ବାଳିକୁ ।

ସ୍ତୂପ ସ୍ତୂପ ବାଲି । ଶୁଖିଯାଇଛି ନଈର ତଣ୍ଟି ।

ନଈଟି ଅଗଭୀର ହୋଇ ପଡ଼ିରହିଛି ଏକ ମରୁଭୂମି ପାଲଟି ।

ପ୍ରବୋଧର ଆଖି ଛଳ ଛଳ ହୋଇ ଆସିଲା ।

ସେ ପୁଣି ଚୁହିଁଲା ସାମ୍ନାର ସେଇ ସ୍ତୂପସ୍ତୂପ ବାଲୁକା ଶଯ୍ୟାକୁ ।

ଚିରସ୍ରୋତା ନଈଟିର ସମସ୍ତ ଆଶା, ଆକାଂକ୍ଷା, ଓ ସମ୍ଭାବନା ସତେ ଯେମିତି କୁଢ଼କୁଢ଼ ବାଲି ଭିତରେ ଫସିଲ ହୋଇ ମରିହଜିଗଲାଣି । ତା ଭିତରୁ ଜ୍ୟୋସ୍ନାର ଫସିଲ ମୁଣ୍ଡ ଟେକିଲାଣି ।

Digitized by srujanika@gmail.com

ସେ ହୁଏତ ତୁଳନା କରୁଥିଲା ସଂପ୍ରତି ସମାଜର ବନ୍ଧ-ବଳୟ ଆଉ ମରୁନଦୀକୁ । ବିଧବା ନଈଟା ଯେମିତି ନିସ୍ତବ୍ଧ ହୋଇ ପଡ଼ିଥାଏ । ସତେ ଯେମିତି ତାକୁ ଇଙ୍ଗିତ ଦେଇ ଡାକୁଛି । କିନ୍ତୁ ସେ କଣ ମଲ୍ଲନଈର ଶୋଷ ବୁଝିଇ ପାରିବ ???

ସମରେଶ ସବୁ ଶୁଣିଯାଉଥିଲା ନିର୍ବେଦଗ୍ରସ୍ତ ଭାବରେ । ଆଖି ଦୁଇଟି ତାର କ୍ରମଶଃ ଉଜ୍ଜ୍ୱଳ ହୋଇ ଉଠୁଥିଲା । ମୁଣ୍ଡ ଉପରେ ନିଜ୍ୟୋତ୍ସ୍ନାର ସଂସାର ହସୁଛି । ପାଖ ନଡ଼ିଆ ଗଛର ମଥାନ ଉପରେ ସଞ୍ଜୁଆ ତାରା କେଇଟି ଶର୍ମିଷ୍ଠା ଆଖିର ବୁନ୍ଦା ବୁନ୍ଦା ଲୁହପରି ଛଳ ଛଳ ହୋଇ ଉଠିଲା । ଗୃହଆଡ଼େ ପୈଶାଚିକ ଶୂନ୍ୟତା··· ନିର୍ବେଦଗ୍ରସ୍ତ ସ୍ଥାଣୁତ୍ୱ ।

୧୯୬୬-୬୭ ଓ ୬୭-୬୮ ର ଗୋଦାବରୀଶ ମହା-ବିଦ୍ୟାଳୟ (ବାଣପୁର) ମୁଖପତ୍ରର ଅଂଗ ଭରଣ କରିଥିଲା ।

Digitized by srujanika@gmail.com

ଶେଷପତ୍ର

ନର୍ମିତା;

ତୁମେ ନିଶ୍ଚିତ ଭାବରେ ଅଗ୍ନି ପାଇଁ ଅପେକ୍ଷା କରିଥିଲ । ଅଥଚ ଏକ ଆହତ ନିଶାହାର ଅଙ୍ଗଭଙ୍ଗୀ କେଉଁ ଯୁକ୍ତିରେ ସଫଳ ହୁଅନ୍ତା ! ତୁମେ ଯେତେ ଅସ୍ୱୀକାର କଲେ ବି ମୋ ପାଖରେ ଧରା ପଡ଼ିଯାଇଛ । ଝଡ଼ପରି ଆସିଥିଲ…ଉଲ୍କା ପରି ଚାଲିଗଲ । ଏଥିରେ ଦୁଃଖ କରିବାର କିଛି ନାହିଁ । ତେଣୁ ଜୀବନରେ ପ୍ରଥମ ଥର ପାଇଁ ମୁଁ ଅନୁଭବ କଲି-କଳା ସାଧନା ପାଇଁ ଖାଲି ପ୍ରେମ ନୁହେଁ, ଅଗ୍ନି ମଧ୍ୟ ଲୋଡ଼ା ଏବଂ ପ୍ରଖ୍ୟାତ ଗୁପ୍ପାଟ୍ଟବ ଗାୟିକା ଲତା ମଙ୍ଗେଶକରଙ୍କ ରେକର୍ଡ଼ ପରିବର୍ତ୍ତେ ଆମ ଅତୀତର କେତେକ ସୁନିର୍ବାଚିତ ଉଲ୍ଲାସ-ସଂଘର୍ଷର ଉର୍ଦ୍ଧ୍ୱଶ୍ୱାସ ଗୁଡ଼ିକ ରେକର୍ଡ କରି ରଖି ମୁଁ ଆଜୀବନ ବଜାଇବାର ସଂକଳ୍ପ କଲି ।

ତମେ କହିବ ଯେ ବହୁ ପରସ୍ପର ବିରୋଧୀ ଆଉ ପରିପୂରକ ଜନମତରେ ମୁଁ ଆଜି ବିପର୍ଯ୍ୟସ୍ତ । ସତରେ ମୁଁ ଏକ ବିପର୍ଯ୍ୟସ୍ତ ଝଡ଼ର ନାୟକ । କିନ୍ତୁ ବିପର୍ଯ୍ୟସ୍ତ ହେବାରେ ଏକ ଆନନ୍ଦ ବି ଅଛି । ମୁଁ ଜନମତସ୍ପୃଷ୍ଟ ହୋଇ ନଷ୍ଟ ହେଉଛି, ବିଦୀର୍ଣ୍ଣ ହେଉଛି… କୋଣାର୍କର ଶିଳାଖଣ୍ଡ ପରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଚୁର୍ମାର୍ ହୋଇ ଯାଉଛି…ଏତିକି କଣ ତୁମ ପକ୍ଷରେ ଯଥେଷ୍ଟ ନୁହେଁ ?

Digitized by srujanika@gmail.com

ମୋ ଜୀବନର ସବୁଠାରୁ ଭୟାବହ ଦୁର୍ଘଟଣା—ମୋ'ର ଜନ୍ମ, ଯେଉଁଥିପାଇଁ ମୁଁ ଦାୟୀ ନୁହେଁ । ମୁଁ ଏକ କ୍ୟାଲେଣ୍ଡରର ପ୍ରତ୍ୟହ ବଦଳୁଥିବା ତାରିଖ । ଆମର ସେ ପୁରୁଣା ବେଡ୍-ରୁମରେ ଟଙ୍ଗାହୋଇଥିବା କ୍ୟାଲେଣ୍ଡରର ପୃଷ୍ଠାଗୁଡ଼ିକ ଖୁବ୍ ପୁରୁଣା ହୋଇ ଆସିଲାଣି । ଯତ୍ନ ଅଭାବରୁ ଅଳନ୍ଧୁ ବି ଲାଗିଗଲାଣି । ତେଣୁ ଆଜି ସବୁ ପୃଷ୍ଠାଗୁଡ଼ିକ ଚିରି ଦେବାକୁ ହିଁ ପଡ଼ିଲା । କେବଳ ରହିଲା ଡିସେମ୍ବର । କିଏ ଜାଣେ ମୋ ଜୀବନ-କ୍ୟାଲେଣ୍ଡରରେ ଏ ଡିସେମ୍ବର ପରେ ଆଉ ଗୋଟିଏ ଡିସେମ୍ବର ଆସିବ କି ନା । ଡିସେମ୍ବରର ପୃଷ୍ଠାଟା ଚିରି ଫୋପାଡ଼ି ଦେବାକୁ ମୁଁ ଯଦି ନଥିବି ତାହାଲେ ତମକୁ ମୋ'ର ଏତିକି ଅନୁରୋଧ ଯେ ତମେ ଏତିକି ମୋ ପାଇଁ କରିବ, ଅର୍ଥାତ୍ କ୍ୟାଲେଣ୍ଡରର ଶେଷ ପୃଷ୍ଠାଟିକୁ ଚିରି ଫୋପାଡ଼ି ଦେବ ।

ମୋ' ଜୀବନର ଦ୍ୱିତୀୟ ଓ ତୃତୀୟ ଦୁର୍ଘଟଣା ଯଥାକ୍ରମେ-ମୋ'ର ଗଳ୍ପ ଲେଖିବା ଓ ଯୌବନର ପ୍ରଥମ ପ୍ରତ୍ୟୁଷରେ ତୁମ ସହିତ ମୋ'ର ପ୍ରଥମ ଆଉ ଆକସ୍ମିକ ପରିଚୟ, ଠିକ୍ ଯେମିତି ତମର ପଳାୟନ ବି ଏକ ଆକସ୍ମିକତା । କଳା ଯଦି ଦୁରନ୍ତ ଚନ୍ଦ୍ର ଉଦ୍ଦେଶ୍ୟରେ ଏକ ସୁନ୍ଦର ପ୍ରେମପତ୍ର ହୁଏ, ତେବେ ମୋ'ର ଆଶଙ୍କା, ମୋ'ର ସମସ୍ତ ପତ୍ର କେପ୍ କ୍ୟାନେଡ଼ିରେ ଅଟକି-ଯାଇଛି । କିନ୍ତୁ ମୋର "କଳା" ଆଉ 'କାନ୍ତି" ମଧ୍ୟରେ ଯଦି କିଛି କଳଙ୍କ ଥାଏ, ତେବେ ତାହା ତୁମେଇ ନମିତା—ତୁମେ ।

ଜୀବନ ରାସ୍ତାର ଯେଉଁ ମୋଡ଼ରେ ତୁମ ସହିତ ସାକ୍ଷାତ ହେଲା, ସେତେବେଳେ ତୁମେ ଅନ୍ୟ ଆଖିରେ ପୋଡ଼ା ଫୁଲଝରି—ସ୍ୱୀକାର କର ବା ନ କର । ତେବେ ତୃତୀୟ ନୟନରେ ଯଦିଓ ଦେଖିବାର

Digitized by srujanika@gmail.com

ଅପଚେଷ୍ଟା ମୁଁ କଲି କି ତୁମେ ତହିଁରେ ଜଳପୋଡ଼ ଭସ୍ମ ହେବାକୁ ବସିଲ । ଦୋଷ ମୋର ନା ତୁମ ଦୋଳାୟମାନ ପ୍ରତ୍ୟୟର ?

ଏବଂ ବହୁ ବର୍ଷ ପରେ (ଯଦି ମୁଁ ଦେହ ଧରି ବଞ୍ଚିଥାଏ) ମୁଁ ହୁଏତ ମୋ ଡାଏରୀର ଶେଷ ପୃଷ୍ଠାରେ ଲେଖିବି—"ମୋ ହୃଦୟ ଏକ ଅତି ପ୍ରାଚୀନ ମହେଞ୍ଜୋଦାରୋର ଭଗ୍ନସ୍ତୂପ—ଶ୍ମଶାନ, କଙ୍କାଳ, ଠୁଣ୍ଟା ଗଛ··· ଭଙ୍ଗା ଓ ଚୂନଛଡ଼ା କାନ୍ଥ, ଖଣ୍ଡିତ ବିଗ୍ରହ··· ମୋ ହୃଦୟ ଭିତରେ ଏକ ଭୟାନକ 'ଖଣ୍ଡ ହର', ଯିଏ ତହିଁରେ ଅନୁପ୍ରବେଶର ଚେଷ୍ଟା କରିଛି, ମରିଛି···ଅହୁରି କେତେ କଣ ।"

ଇନ୍ଦ୍ରଧନୁର ବର୍ଣ୍ଣାଳୀ ରୂପ ବିଭାର ପ୍ରତୀକ ସାତୋଟି ରଙ୍ଗ ତୁମେ ଦେଖିଥିବ । କିନ୍ତୁ—ବିଶ୍ୱାସ କର ନମିତା ! ମୁଁ ତହିଁରେ ଏତେ ରଙ୍ଗ ଦେଖିଛି ଯେ ତାହା ମୋର ସାତୋଟି ଜୀବନ ପାଇଁ ଯଥେଷ୍ଟ । କିନ୍ତୁ କେଉଁ ପ୍ରିଜିମ ମାଧ୍ୟମରେ ସେଇ ଇନ୍ଦ୍ରଧନୁର ରଙ୍ଗ ଦେଖିଛି, ଜାଣେନା । ଦିନେ ମୁଁ ଭାବିଥିଲି ଯେ ହୁଏତ ତୁମେଇ ସେଇ ପ୍ରିଜିମ—ଯାହା ଭିତରେ ମୁଁ ମୋ ଜୀବନର ବର୍ଣ୍ଣମହୋତ୍ସବ ଦେଖି ପାରିବ । ଆଜି ସେ ଦୁଃସାହସ ମୋର ନାହିଁ ।

× × ଅଥଚ ମୁଁ ଅଭଦ୍ର, ନଷ୍ଟଚରିତ୍ର । ମୁଁ ଗୋଟାଏ ପଶୁ । ମୋର ତଥାକଥିତ ଅଶ୍ଳୀଳ "ବେଡ଼ରୁମ ହବି" ପାଇଁ ମୋତେ କ୍ଷମା ଦେବ । ଆମ ବେଡ଼ରୁମର ଚୈରକାନ୍ଥ ଭିତରେ ପୁରୁଷ ହିସାବରେ, ତମର ସ୍ୱାମୀ ହିସାବରେ ତୁମଠାରୁ ଯାହା ଚାହିଁଥିଲି ସେଇଟା କ'ଣ ମୋର ପ୍ରାପ୍ୟ ନୁହେଁ ? ମୁଁ ହୁଏତ ସବୁଜ ଶୟନ କକ୍ଷର ଅର୍ଦ୍ଧସ୍ପଷ୍ଟ ଆଲୋକ ତଳେ ପୁରୁଷର କର୍ତ୍ତବ୍ୟ କରିବାର ଚେଷ୍ଟା କରୁ କରୁ ନଗ୍ନତାର ସୀମା ସ୍ପର୍ଶ କଲି ବୋଲି ତୁମେ ଲେଖିଛ, କିନ୍ତୁ ତୁମେ ତୁମର ସେ ରକ୍ତକ୍ଲାନ୍ତ ମାଂସପେଶୀମାନଙ୍କୁ

Digitized by srujanika@gmail.com

ଥରେ ପଗ୍ଭର ସେମାନେ କଣ ଗୃହୁଁଥିଲେ । ବାଥ୍‌ରୁମ ଭିତରେ ବେଲ୍‌ଜିୟମ ଆଇନା ଆଗରେ ନିଜକୁ ଏକାନ୍ତରେ ନଗ୍ନ କରି ଅବ-ଲୀଳା କ୍ରମେ ନିଜ ଶରୀରର ନିଷିଦ୍ଧ ଅଞ୍ଚଳର ରୂପଶ୍ରୀରେ ମୁଗ୍‌ଧ ହୁଅ, ଅଥଚ ସ୍ୱାମୀ ଆଗରେ ସତୀ ସାଧ୍ୱୀ, ତାପସୀର ଅଭିନୟ କର । ଏ କଥା ଦୁନିଆରେ କେହି ନ ଜାଣିଲେ ବି ମୁଁ ତ ଜାଣେ । ତଥାପି ମୋର ମତ ପରିବର୍ତ୍ତନ ହୋଇଛି ବୋଲି ଭାବ ନାହିଁ । କାରଣ ମୁଁ ଛଉନୃତ୍ୟର ନର୍ତ୍ତକୀ ଭଳି 'ମୁଖା' ପସନ୍ଦ କରେନି । ତୁମେ କିନ୍ତୁ ବୁର୍ଖା ତଳେ ନିଜକୁ ଲୁଚେଇବାକୁ ଚେଷ୍ଟା କରିଛ ଏ ଯାଏଁ ।

ମୁଁ ସ୍ୱୀକାର କରେ ଯେ ମୁଁ ନିଜେ ଏକ ଅଗ୍ନିଗର୍ଭ ବସୁଭିୟୁସ ଯାହା ବେଳେ ବେଳେ ଅଗ୍ନି ଉଦ୍‌ଗୀରଣ କରେ । ଜନ୍ମଠାରୁ ଏ ଯାଏଁ ଦୁଃଖ, ଦାରିଦ୍ର୍ୟ, ଅବକ୍ଷୟ ଓ ଗ୍ଲାନିର କଷଟି ପଥରରେ ମାଜି ହୋଇ ଶେଷରେ ତୁମରି କହିବା ଅନୁଯାୟୀ 'ବସୁଭିୟୁସ'ରେ ହିଁ ପରିଣତ ହୋଇଛି । ତମେ କିନ୍ତୁ ଆହତ ନିରୀହତାର ଛଳନା କରିଥିଲ, କରିଥାଅ । ମୁଁ ଅରୁଣ ସ୍ତମ୍ଭ ସାମ୍ନାରେ କହିପାରେ— "ମୋତେ ପାପ କରିବାକୁ ଭଲ ଲାଗେ ।" କିନ୍ତୁ ତୁମେ ଅହ୍ନି ସୁଲ-କ୍ଷଣୀ, ପାପକୁ ଘୃଣୀ ଅସ୍ୱାମୀ ପରି ଭୟ କର । ଗୋଟିଏ ପାପର ବନ୍ଦୂଏ ନିଆଁକୁ ଲୁଚେଇବାକୁ ଯାଇ ହଜାରେ ପାପ କର, ତଥାପି ସମାଜ ଆଖିରେ ତୁମେ ନିଜକୁ ନିଷ୍କଳଙ୍କ ବୋଲି ଦାବି କର କେଉଁ ଯୁକ୍ତିରେ ?

× × ×

ମୁଁ ଦିନେ ସ୍ୱପ୍ନ ଦେଖିଲି—ଅସଂଖ୍ୟ ପ୍ରଜାପତି ଉଡ଼ିଆସି ଏକ ସ୍ତୂପ ହୋଇଗଲେ । ସେଇ ସ୍ତୂପ ଏକ ନାରୀ ବିଗ୍ରହ ଧାରଣ କଲା ।

Digitized by srujanika@gmail.com

ସେଇ ନାଶ୍ ହଠାତ୍ ଯେମିତ ବହୁ ଶତାବ୍ଦୀର ଗାଢ଼ ନିଦ୍ରାରୁ ଚେଇଁ ଉଠିଲା ଏବଂ ମୋତେ ଗଭୀର ଆଶ୍ଳେଷରେ ଚପିଧରି ମୋ ଅସ୍ତିତ୍ୱର ସମସ୍ତ ରକ୍ତମାଂସ, ମୋର ମନ, ମୋର ଆତ୍ମା, ମୋର ସ୍ୱାଧୀନ ଚିନ୍ତା ଓ ଚେତନା ସବୁ କିଛି ଶୋଷି ନେଲା ଏବଂ ମୋତେ ଗୋଟାଏ ଅପନ୍ତରା ପଡ଼ିଆରେ ଠିଆ କରାଇ ଦେଲା—ପ୍ରାଣହୀନ ଅଙ୍ଗାଗଛ ଭଳି ।

ତୁମେ ଅଭିଯୋଗ କରିବ ଯେ ମୁଁ "ରୋମାଣ୍ଟିକ"ରୁ "ସିନିକ୍" ହୋଇ ଯାଇଛି । ଉପର ଆକାଶର ପୂର୍ଣ୍ଣଗର୍ଭା ଚନ୍ଦ୍ର ନ ଦେଖି ତଳେ ନର୍ଦ୍ଦମାରୁ ନଷ୍ଟକାଠ ସାଉଁଟୁଛି । ମୁଁ କହିବି "ରୋମାନ୍ସ" କଣ ତୁମେ କିଛି ଜାଣିନ । ଯେଉଁମାନଙ୍କ ଭିତରେ ମୁଁ ବଢ଼ିଛି, ଯେଉଁ ସବୁହରା ଶ୍ରମିକ-ନାରୀର ସ୍ତନରୁ କ୍ଷୀର ଖାଇ ମଣିଷ ହୋଇଛି, ଯେଉଁ ଶ୍ରମିକ ଜନତାର ଝୋପା ଝୋପା ଝାଳ ମୁଁ ମୋ ମୁଣ୍ଡରେ ତେଲ କରି ଲଗେଇଛି—ସେମାନଙ୍କୁ ଭୁଲିବି କେମିତି ? ଏଇମାନଙ୍କ ଭିତରେ ହସି ଖେଳି ଜୀବନ ବିତାଇବା କଣ ଏକ ରକମର ରୋମାନ୍ସ ନୁହେଁ କି ?

ତୁମେ ଏଇମାସ ଲେଖିଛ (ତୁମର "ପ୍ରତିବାଦ ପତ୍ରରେ) ଯେ ମୁଁ ଜଣେ ଭୟଙ୍କର କମ୍ୟୁନିଷ୍ଟ । ଯାହାହେଉ ମୋର ଚରିତ୍ର ସଂହାର ପାଇଁ ଯେଉଁ ଚେଷ୍ଟା ତୁମେ କରିଛ, ସେଥିପାଇଁ ଧନ୍ୟବାଦ ନ ଦେଇ ରହି ହେଉନ । ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧ ଦିଗନ୍ତ' ଉପନ୍ୟାସର ଶୁଦ୍ଧ ସୁବର୍ଣ୍ଣ ନାୟକ 'ନିଧିଦାସ'କୁ ତ ପୁଣି ଜେଲ ଓ୍ୱାର୍ଡ଼ର କମ୍ୟୁନିଷ୍ଟ ବୋଲି କହି ପାରିଲ ! ଯାହାହେଉ ମୁଁ ଭାବୁଛି ଯେ ତମେ "ସୋସାଲିଷ୍ଟ" ହୋଇ ପଡ଼ିଲଣି । ମୁଁ ଅବଶ୍ୟ କୌଣସି "ଇଜମ୍"ର ପଛରେ ଘୋଡ଼ା ଦୌଡ଼ କରୁନି । ତଥାପି

Digitized by srujanika@gmail.com

ତମେ ଯେତେବେଳେ 'କମ୍ୟୁନିଷ୍ଟ' ଉପାଧି ଦେଇନ୍ଥ, ତାକୁ ଅସ୍ୱୀକାର କରିବ ବା କେମିତି ? ତମେ ଯେ ମୋର ଅଶାନ୍ତ ଜୀବନର ସହଯାତ୍ରୀ ଥିଲ ! ତଥାପି କମ୍ୟୁନିଷ୍ଟ ଆଉ ସୋସାଲିଷ୍ଟ ଜଣେ ଏକାଠି ନୀଡ଼ ରଚନା କରିପାରିବେନି ?

ତୁମର କହିବା ଅନୁଯାୟୀ ଆମ ଦୁହିଙ୍କ ଆଦର୍ଶ ଅଲଗା ହୋଇଥାଇ ପାରେ, କିନ୍ତୁ ସଂସାର ଗଠନ ପାଇଁ ଅବର୍ଣ୍ଣନୀୟ ପ୍ରତିବନ୍ଧକ ହେବ ଏ କଥା ମୁଁ ଭାବୁନି ।

ତମେ ଭାବୁଥିବ ଯେ ତମେ ମୋତେ ପ୍ରତ୍ୟାଖ୍ୟାନ କରି ଗୁଲିଗଲା ପରେ (ଅବଶ୍ୟ ଗୋପନରେ) ମୁଁ ଭାଙ୍ଗି ପଡ଼ିବ ଓ ବ୍ୟର୍ଥ ପ୍ରେମିକର ସଂଜ୍ଞା ନେଇ କିଛି ଗୋଟାଏ ଅଘଟଣ କରି ବସିବ କିମ୍ବା ଆତ୍ମହତ୍ୟା କରିବ । କିନ୍ତୁ ସେ ପାପ ମୁଁ କରିବନି । ମୋ ଜୀବନରେ ଯେ ଅନେକ କିଛି କରିବାର ଅଛି !

ମୁଁ ନିଜ ବିଷୟରେ ଆଉ ଅଧିକ କ'ଣ ବା ଲେଖିବ ? ତୁମର ପ୍ରବଞ୍ଚିତ, ଉଦ୍ଧତ, ନିପୀଡ଼ିତ ବିକ୍ଷୋଭ ଭଳି ମୁଁ ଓ ମୋର ଭୂମିକା···ତୁମର ସଞ୍ଚିତ୍ତ ପରି ଅଜ୍ଞାତ ମୋର ଭବିଷ୍ୟତ, ତୁମରି ଅନ୍ତର ଭଳି ଜଟିଳ ମୋର ବ୍ୟକ୍ତିତ୍ୱ ।

ହେ ଭସ୍ମାଚ୍ଛାଦିତ ବହ୍ନି
ଏଥର ବିଦାୟ ଦିଅ, ମୁକ୍ତି ଦିଅ ।

॥ ଇତି ॥

ତୁମର 'ମୁଁ'

Digitized by srujanika@gmail.com

ଏ ଝଡ଼ର କଣ ଶେଷ ନାହିଁ ?

ଝଡ଼ ଆସେ ।

ପୁଣି ଚାଲିଯାଏ । ଆସିବାର ପ୍ରାରମ୍ଭିକ ସୂଚନା ନାହିଁ ।

ଝଡ଼ର ଫେରନ୍ତା ବାଟରେ ପଦଧ୍ୱନି କିନ୍ତୁ ସ୍ପଷ୍ଟ ହୋଇ ଉଠେ । ଝଡ଼ର ଫେରନ୍ତ ବାଟରେ ଫୁଲ ଫୁଟେ । ପରିବର୍ତ୍ତନର ଫୁଲ !

ପରିବର୍ତ୍ତନର ଫୁଲଗୁଡ଼ାକ କେତେବେଳେ ଲକ୍ଷ ହେନା, ଜୁଇର ମହକରେ ଫାଟି ପଡ଼ନ୍ତି ତ, ପୁଣି କେତେବେଳେ ଗନ୍ଧହୀନ ହୋଇ ପଡ଼ନ୍ତି । ସତେ ଯେମିତି ଫୁଲଗୁଡ଼ାକରେ ଏତେ ଟିକେ ବି ମହକ ନାହିଁ !

କ୍ରେମ୍‌ଲିନ୍ ଆକାଶରେ ବି ଏ ଝଡ଼ ଆସିଥିଲା । ଦିଲ୍ଲୀର ଲାଲକିଲ୍ଲା ଉପରେ ଦେଇ ଠିକ ଏଇ ଝଡ଼ ବହିଥିଲା । ସ୍ୱାଧୀନତାର ପୂର୍ବ ମୁହୂର୍ତ୍ତରେ ନୂଆଖାଲିର ଶାନ୍ତ ଓ ନିସ୍ତୁପ ଆକାଶରେ ବି ଶୁଣା ଯାଉଥିଲା ଏଇ ଝଡ଼ର ଅଶାନ୍ତ ପଦଧ୍ୱନି ।

ଠିକ ସେହି ଝଡ଼ ବି ଚିରାଚରିତ ପନ୍ଥାରେ ବହି ଯାଇଛି ଗୋପାଳପୁରର ଜନଶେଣିଆ ଧାଡ଼ିବନ୍ଧା ଚାଳଘର ଗୁଡ଼ାକର

Digitized by srujanika@gmail.com

ମଥାନ ଉପରେ···ଆମ୍ଭ ନଡ଼ିଆ ତୋଟାମାଳ ଭିତରେ ପିଆର କାଟି ବନ୍ଧା ଯାଇଛି ସେଇ ଝିଅ଼।

ତଫାତ୍ ଏତିକି ଯେ ସେଦିନ ଲାଲକିଲ୍ଲାର ଗମ୍ବୁଜ ଛୁଇଁ ବନ୍ଧା ଯାଇଥିବା ଝିଅ଼ର ବିଶେଷତ୍ୱ ଥିଲା । ଆଜି ଏ ଝିଅ଼ର ବିଶେ-ଷତ୍ୱ ସେମିତି କିଛି ନାହିଁ ।

ସେଇ ବିଶେଷତ୍ୱହୀନ ଝିଅ଼ର ଶିକାର ହୋଇଛି ଗଦେଇ ମହାରଣା ।

ଗୋପାଳପୁର ପରି ସଭ୍ୟ ଶିକ୍ଷିତ ଗାଁର ନିପଟ ମୂର୍ଖ—ବଡ଼େଇ ପୁଅ ଗଦେଇ ମହାରଣା । ସମସ୍ତେ ଡାକନ୍ତି "ଅଧିକାରୀ" ସତରେ ଘର ଅଧିକାର ତା'ର ଗାଁର ଟୋକାଟାକଳିଆଙ୍କ ଉପରେ ।

ତାର ସେଇ ଅଧିକାର ଥିବା ଯୋଗୁଁ ତ ସେ ଅଧିକାରୀ ହୋଇଛି ! ଆଖ ପାଖ ଗାଁ ଦୁଇ ତିନିଖଣ୍ଡରେ ଯାନିଯାତ ମେଳା ସୁଆଙ୍ଗ ଓ ଥିଏଟର ଉହାରସାଲ ସମୟରେ ଅବଶ୍ୟ ଅନେକ କାଁ ଭାଁ ଅଧିକାରୀ ହୋଇନ୍ଥନ୍ତି, କିନ୍ତୁ ନିଜ ପନ୍ଥରେ ଅଧିକାରୀ ପଦଟାକୁ ଚିରସ୍ଥାୟୀ କରିପାରି ନାହାନ୍ତି । ହଟପୁରିଆ କେଇଦିନ ପାଇଁ ଜଟି ଷଡ଼ଙ୍ଗୀଙ୍କୁ ଅଧିକାରୀ ସିଂହାସନରେ ଜବରଦସ୍ତି ବସାଇ ଦେଇ-ଥିଲେ । ହଟପୁରିଆଙ୍କ "ସାବିତ୍ରୀ" ଯାତ ମରିଲା । ଜଟି ଷଡ଼ଙ୍ଗୀଙ୍କ ଅଧିକାରୀ ପଣିଆ ଖସିଲା । ଆଉ କେହି ଡାକିଲେନି । ଗାଁର ପଡ଼ପେଞ୍ଚିଆ ଟାଉଟରମାନେ ସିନା ସୁବିଧା ସୁଯୋଗ ଜଣ୍ଡି କାମ ହାସଲ କରିବାକୁ ଅଧିକାରୀ ପଦରେ ନେଇ ବସାଇଥିଲେ, କିନ୍ତୁ ଯାତ ସରିଲେ ବିଚରା ଜଟି ଷଡ଼ଙ୍ଗୀଙ୍କୁ ଅଧିକାରୀ ବୋଲି ଡାକନ୍ତି କେତେ ?

Digitized by srujanika@gmail.com

କିନ୍ତୁ ଆମ ଅଧିକାରୀ ଗଡ଼େଇ ମହାରଣା ସବୁବେଳେ ଅଧିକାରୀ ବୋଲନ୍ତି । ଗୋପାଳପୁରଆଙ୍କ "ଅଶାନ୍ତ ଗ୍ରହ" ନାଟ ଶିଖାରେ ସେ ଅଧିକାରୀ, ଦଣ୍ଡପୁରଆଙ୍କ "ମୂଳିଆ" ନାଟକରେ ସେ ଅଧିକାରୀ ଓ ସାରୁ ପଦରଆଙ୍କ ଯାନିଯାତ୍ରରେ ବି ଏ ଅଧିକାରୀ ଯାଇ ସେଠି ହାଜର । ପ୍ରଥମେ ପ୍ରଥମେ ଅବଶ୍ୟ ବିନା ଡାକରାରେ ଯାଉଥିଲେ, ଏବେ କିନ୍ତୁ ନ୍ୟରଆଡୁ ଡାକରା ଆସୁଛି ।

ଦିନେ କେଇଟା ଅବଶ୍ୟ ଦଣ୍ଡପୁରଆ ଓ ସାରୁପଦରଆ ନିଜେ ନିଜେ କାମ ଚଳେଇ ନେଇ ବର୍ଷକୁ ଦୁଇ ଦୁଇଟା ଡ୍ରାମା ଉଠିଆ କରିଦେଇ ବାହାଦୂରୀଟା ନେବେ ବୋଲି ବସିଥିଲେ । କିନ୍ତୁ କଣ ହେବ ! ନାଟୁଆ ପିଲଙ୍କ ମନ ଧରି କାମ କରିବା କଣ ସହଜ କଥା ? ଦୁଇ ଦୁଇ ଥର ଡ୍ରାମା ଭାଙ୍ଗିଗଲା । ଶେଷରେ ଆମ ଅଧିକାରୀ ଯାଇ ହାଜର ହେଲେ । (ଅବଶ୍ୟ ବିନା ଡାକରାରେ) ।

ଯେଉଁଠି ହେଉ ନାଟଟିଏ ଭାଙ୍ଗିବାର ଖବର ଶୁଣିଲେ ଦୁଇଦିନ ପର୍ଯ୍ୟନ୍ତ ଭାତ ରୁଚେନି ତାଙ୍କୁ । ଘର ଭିତରେ ଘରଣୀଙ୍କ ଟୋକ୍ କହିଲେ ନ ସରେ । ସଞ୍ଜବତି ଲାଗିରେ ପିଣ୍ଡା ତଳକୁ ନ ଓହ୍ଲାଇବାକୁ କଡ଼ା ତାଗିଦ । ଅତି ବେଶି ହେଲେ ରାତି ଆଠଟା ପର୍ଯ୍ୟନ୍ତ ଘରଣୀଙ୍କ ତାଗିଦ କାମ କରେ । ଆଠଟା ଡେଇଁଲେ ସୁଅ ମୁହଁର ପତର ପରି ସବୁ ଭାସିଯାଏ । ପିଣ୍ଡାରେ ଖାଲି ସଉପ ଓ ଗୋଛାଏ ଲୁଗା, କିନ୍ତୁ ଅଧିକାରୀ ଯାଇ ହାଜର ଆର ଗାଁର ଆଖଡ଼ା ଘରେ ।

ଏଇଟା ଆମ ଗାଁ ନାଟ, ସେଇଟା ପର ଗାଁ ଯାତ—ଏ ଧାରଣା ତା ମନକୁ କେବେ ସ୍ପର୍ଶ କରିନି । ସବୁ ତ ନିଜର ।

Digitized by srujanika@gmail.com

ଗୋପାଳପୁରରେ ଜନ୍ମ ହୋଇଛୁ···ହଟପୁରର ଧୂଳି ସହିତ ଧୂଳିହୋଇ ପିଲଟି ଦିନରୁ ଖେଳିଛୁ···ପାଟପୁରରେ ସଙ୍ଗାତ ବସିଛୁ···ସାରୁ-ପଦରରେ ସାଙ୍ଗ ସାଥି ମଉଜରେ ଦିନ କାଟିଛୁ—ଏଥିରେ କାହାକୁ ନିଜର କରିବ, ପୁଣି କାହାକୁ ପର କରିବ। ସମସ୍ତେ ସମାନ, ସମସ୍ତେ ନିଜର ।

ଗଡେଇ ମହାରଣା—ଗାଁର ମହାଜନ ସେ ନୁହେଁ । ସେବେ-ଇତ ସେ । ଗାଁ ମହାଜନ ଓ ବଡପଣ୍ଡାମାନେ ଯେଉଁଠି ପଶୁନ୍ତି, ସେଇଠି ଆଗରେ ଯାଇ ଠିଆ ହୁଏ ଆମ ଅଧିକାରୀ ।

ପାଠ ଶାଠ ସେ ପଢ଼ିନି । ଶ୍ରୀ ଅକ୍ଷର ବରୁଣେଇ ପାହାଡ଼ । ଶିକ୍ଷା ସଂସ୍କୃତି ବିବର୍ଜିତ ଏକ ମଣିଷ । ଆଜିକାଲି ଥରେ କି ଦୁଇ-ଥର କଲିକତା କି ଆସାମ ଯାଇ ଫେରିଲା ବେଳକୁ ତାର ସାଙ୍ଗର ଲୋକମାନେ ଦରଖଣ୍ଡି ଭାଙ୍ଗପକା ଇଂରାଜୀ କହନ୍ତି । ଅବଶ୍ୟ ପୋଖରୀ ତୁଠରେ, ଯେମିତି ପାଞ୍ଚଜଣଙ୍କ କାନରେ ପଡ଼ିବ । ଆମ ଅଧିକାରୀ ଥରେ ଦିଥର ନେପାଳ ଗଲାଣି ସତ, କିନ୍ତୁ ଇଂରାଜୀର ଧାର ଧାରେନି ସେ । ଅତଏବ ତାର ପକ୍ଷରେ ବିଶ୍ୱବିଦ୍ୟାଳୟର କୌଣସି ମୋହର ମରା ଡ଼ିଗ୍ରୀ ନାହିଁ । ଗାଁ ମଣ୍ଡପ ଉପରେ ରାମାୟଣ, ମହା ଭାରତ, ଲକ୍ଷ୍ମୀ ପୁରାଣ ଆଦି ବୋଲା ହେଉଥିଲା ବେଳେ ତାହା ଦି ପଦ ସେ ମନ ଦେଇ ଶୁଣେ । ଗୋପାଳପୁରର ବଡ଼ପାଠିଆ ଧନୁର୍ଦ୍ଧର ବଡ଼ପଣ୍ଡା ନିଜ ମିଶ୍ରେ ଗଳା ଫଟେଇ ଦେଉଳ ଦୁଆରେ ମାସ ମାସ ଧରି ବୋଲନ୍ତି ଭାଗବତ । ଅଧିକାରୀ ଯାହା କିଛି ଶୁଣେ । କିଛି ବୁଝେ କି ନାହିଁ ସେ କଥା ସେ କେବଳ ଜାଣେ । ରାତିରେ ଗଳା ଫଟାଇ ଚିତ୍କାର କରି ନିଜ ମିଶ୍ରେ ପୁରାଣ ପଢ଼ନ୍ତି, ଭକ୍ତିରେ ତନ୍ମୟ ହୋଇ ଯାଆନ୍ତି, କିନ୍ତୁ ସକାଳ ହେଲା ବେଳକୁ ସେ ନ ଥାନ୍ତି । ରାତି

Digitized by srujanika@gmail.com

ନ ପାହୁଣୁ ଫାଷ୍ଟ ବସରେ ଖୋର୍ଦ୍ଧା ମକଦ୍ଦମା ତାରିଖକୁ । କେତେବେଳେ ଵାଆଁଙ୍କ ମାମଲାରେ ତ କେତେବେଳେ ପର ପାଇଁ ପୁଅ ମୁଣ୍ଡ ଛୁଇଁଲା ଭଳି ମିଥ୍ୟା ସାକ୍ଷୀ ଦେବାପାଇଁ ଖୋର୍ଦ୍ଧାରେ ହାଜର ହୁଅନ୍ତି । ଗାଁର ବଡ଼ବଡ଼ୁଆ ବୋଲାଉଥିବା ଏମିତି ଅନେକ ବର୍ଷସାରା ଖୋର୍ଦ୍ଧା କଚେରୀ ଆଉ ବାଣପୁରକୁ ଦଉଡ଼ ଧାପଡ଼ କରନ୍ତି । ଗାଁର ଏ ଘର ପୁଅ ସେ ଘରକୁ ଗଲେ, ସେ ଘର ଝିଅ ଆର ଘରକୁ ଗଲେ—ସବୁ କଥାରେ ଏମାନଙ୍କର ନଜର ଥାଏ । ଛିକିଏ କଥାରେ ନ୍ୟାୟ ବସାନ୍ତି । କଙ୍କଡ଼ାକୁ ଗୋଳ ପାଣି ସାଙ୍ଗ ପରି ଅନେକ ତଥାକଥିତ ବଡ଼ବଡ଼ୁଆ ହାତରେ ଖଣ୍ଡିଏ ଖଣ୍ଡିଏ ଗେରୁଆ ବଣ୍ଡି ଧରି ଭଲ କରି କୁଣ୍ଡେଇଏ ମାରି ସନ୍ଧ୍ୟା ପହରକୁ ମଣ୍ଡପରେ ହାଜର ହୋଇ ଯାଆନ୍ତି । ଏଇମାନେ ନାଟ ଲଗାନ୍ତି, ନାଟ ବି ଭାଙ୍ଗନ୍ତି ।

ଆମ ଅଧିକାରୀ କିନ୍ତୁ ନ୍ୟାୟ ନଶାପକୁ ଯାଏନି । ସତ୍ତ୍ୱଜଣେ ତାକୁ ଡାକିବା ବି ଆସେନି । କାରଣ ସେ ଗାଁର ମହାଜନ ନୁହେଁ, ସେବେଇତ ! ପିଲାଙ୍କ ନ୍ୟାୟରେ କିନ୍ତୁ ସଭାପତି ହୁଏ ଆମ ଅଧିକାରୀ । ଯଦି ଦୁଇଟା ପିଲାଙ୍କ ଭିତରେ କୌଣସି କାରଣରୁ ଝଗଡ଼ା କମ୍ବା ମନ ଫଟାଫଟି ହୋଇ ଯାଇଛି, ତାହାହେଲେ ଉଭୟଙ୍କୁ ଡାକି ନେଇ ହାତ ମିଳେଇ ଦିଏ ସେ । ଗାଁର ବଡ଼ବଡ଼ୁଆ ମୁରବୀମାନେ ଘରକେ ବାଡ଼େ ଲେଖାଏଁ ହୋଇଛନ୍ତି । ଗାଁଟା ଯାକରେ ଦଶ କି ବାର ବାଡ଼ । କାହା ସହିତ କାହାର ମୁହଁ ଚିହ୍ନାଚିହ୍ନି ନାହିଁ । ସଂଧ୍ୟାରେ ପର ଚୁଗୁଲି, ସକାଳ ହେଲେ ଖୋର୍ଦ୍ଧା କମ୍ବା ଖାସମାହାଲ କଚେରୀରେ ଭେଟା ଭେଟି । ବାସ ଏତିକି । ଏତିକି ହିଁ ଗୋଟାଏ ସଭ୍ୟ ଶିକ୍ଷିତ ଓ ସଂସ୍କୃତ ସମ୍ପନ୍ନ ବ୍ରାହ୍ମଣ ଶାସନର ଦୈନନ୍ଦିନ ଇତିହାସ ।

Digitized by srujanika@gmail.com

କିନ୍ତୁ ଶ୍ରେଷ୍ଠ ପିଲା ଏବଂ ଯୁବକମାନଙ୍କ ଭିତରେ ଅତିମେଳ ଏପାଏଁ ହେଉନି । ସବୁ କଳିତକରାଳ ଅଧିକାରୀର ପଦଏ କଥାକୁ ନାଅଣ୍ଟି । ସମସ୍ତଙ୍କ ରାଗ, ଦମ୍ଭ, ଗର୍ବ, ଅଭିମାନ ଘଡ଼ିକରେ ପାଣି ଫାଟିଯାଏ । ଯେତେବେଳେ ପାଖରେ ଆସି ଲୁହଭରା ଆଖିରେ ଠିଆହୁଏ ଅଧିକାରୀ । ସବୁପିଲା ଏକ । ଅଧିକାରୀ ସମସ୍ତଙ୍କୁ ନେତୃତ୍ୱ ଦେଉଛି । ଏମ୍, ଏ, ପଢ଼ୁଆ ପିଲା ବି ଝଣ୍ଟେ ଦୂରରୁ ଜୁହାର କରନ୍ତି ଅଧିକାରୀକୁ ।

ପିଲାଏ ପୁରୀ କି କଟକ ପଢ଼ିବାକୁ ଯିବେ, ତାହେଲେ ଅଧିକାରୀ ଯାଇ ରାତି ରାତି ବିଦାୟ ଦେଇ ଆସେ ବାଲୁଗାଁ ଷ୍ଟେସନରେ ।

ଦିନକର ଘଟଣା । ହେଉଛି କଳିପର ଲଗୁଛି । ଆମ ଭିତରେ ଜଣକର ବୋଉ ମରିଗଲା । ବ୍ୟକ୍ତିଗତ ବିବାଦଯୋଗୁଁ କେହି ଆସିଲେନି ମୁର୍ଦ୍ଦାର ଉଠାଇ ନେଇ ମଶାଣି ପଦାକୁ ନେଇ ଯିବାକୁ ; ପୋଡ଼ିବା ତ ଦୂରର କଥା । ସନ୍ଧ୍ୟା ପହରୁ ପ୍ରାଣବାୟୁ ଉଡ଼ିଗଲାଣି କିନ୍ତୁ ରାତି ୮ଟା ପର୍ଯ୍ୟନ୍ତ ଗାଁ ମହାଜନଙ୍କ ଦେଖା ନାହିଁ । ସମସ୍ତେ ଦାଉ ସାଧିବା ପାଇଁ ଘରେ ଆନନ୍ଦରେ ଥାଅନ୍ତି । ପଦାକୁ ଅଦୌ ବାହାରିଲେନି । ପଦାକୁ ବାହାରିଲେ କାଳେ ଆମ ଅଧିକାରୀ ଡାକଦେବ, ଏଇ ଭୟରେ । ସତକୁ ସତ କେହି ଆସିଲେନି । ଉଆଁସ ରାତିର ଅନ୍ଧାର କ୍ରମଶଃ ଗାଢ଼ ହୋଇ ଆସିଲା । ଶେଷକୁ ଦେଖିଲି ଦୁଆରୁ ବଡ଼ ପାଟିରେ ଡାକ ଶୁଭିଲା ଅଧିକାରୀ, "ଆସ ପିଲାଏ । ଆମ ଗାଁରେ ମୁର୍ଦ୍ଦାର କ'ଣ ପଡ଼ିରହି ବାସିମଢ଼ା ହେବ... ?" ଶୁହୁଁ ଶୁହୁଁ ତିରିଶ ଚାଳିଶ ସଙ୍କେ ପିଲା ଓ ଯୁବକ ହାଜର ହେଲେ । ଘଣ୍ଟି ପାହିଲା ବେଳକୁ ଶବ ସଂସ୍କାର ସରିଲା ।

Digitized by srujanika@gmail.com

---ସେଇ ଅଧିକାରୀ ଆଜି ଝଡ଼ର ଶିକାର । ଝଡ଼ର ଈଗଲ୍ ତା'କୁ କ୍ଷତ ବିକ୍ଷତ କରୁଛି । ସେ ଆଜି ଗାଁରେ ବାସନ୍ଦ । ନିଆଁ ପାଣି ସବୁ ବନ୍ଦ । କାମ ପାଇଁ କାଠ ଖଣ୍ଡିଏ ବି ଦେବାକୁ ସମସ୍ତଙ୍କୁ ମନା । ତଥାପି ସେ ଛାଡ଼ିନି ତା'ର ଆଦରର ପିଲାମାନଙ୍କୁ । ଗାଁ ବାଲା ସିନା ତା'କୁ ପର କରିଦେଲେ, ତା'ର ସମ୍ମାନ ସବୁ ପାରିଲେନି । କିନ୍ତୁ ପିଲାମାନେ ବିଶ୍ୱପିତାଙ୍କର ଚଳନ୍ତି ବିଗ୍ରହ । ସେଇମାନଙ୍କୁ କେମିତି ବା ସେ ପର କରିଦେବ । ସେଇମାନେ ହିଁ ବଞ୍ଚିବାର ପାଥେୟ !

ଆଜିକାଲି ଆମ ଅଧିକାରୀ ଟିକିଏ ଟିକିଏ ମହୁଲି ପିଇବାକୁ ଆରମ୍ଭ କଲାଣି । ଶରୀର ତା'ର କ୍ଷୀଣ ହୋଇ ଆସିଲାଣି । ଓଳିଏ ଖାଇଲେ ଓଳିଏ ଉପାସ ।

---ହେଲେ ଏଣିକି ଆଉ ସେ ଉପାସ ରହୁନି । ଅଜ· ଦାଏଁ ଯେଉଁମାନଙ୍କୁ ସେ ନେତୃତ୍ୱ ଦେଇଛି, ମଣିଷ କରିଛି, ଶୁଖିଲା ମୁହଁରେ ମଲ୍ଲୀ ଫୁଲର ହସ ଚହଟେଇଛି···ସେମାନେ ଆଜି ଜାଗ୍ରତ । ଅଭିଜାତ ବଂଶୀୟ ଠାଉଟର ଶ୍ରେଣୀର ମୁକାବିଲା ପାଇଁ ପ୍ରସ୍ତୁତ ।

ଏଇ ନିକଟରେ ପିଲାଙ୍କ ଦ୍ୱାରା ସ୍ଥିର ହେଲା ଯେ ଆମ ଅଧିକାରୀ ପାଇଁ ଗାଁ ମଝିରେ ଖଣ୍ଡିଏ ଏକ ମହଲା ପକ୍କା ଘର ତିଆରି ହେବ । କ୍ଲବ ଓ ତାର ରହିବା ଉଭୟ କାମ ଚଳିବ । ମୃତ୍ୟୁ ପର୍ଯ୍ୟନ୍ତ ପିଲାମାନେ ହିଁ ଅନୁଷ୍ଠାନର ଚାନ୍ଦା ଓ କ୍ଲବ ପ୍ରତି ସରକାରୀ ସାହାଯ୍ୟରେ ଅଧିକାରୀର ଭରଣପୋଷଣ ଦାୟିତ୍ୱ ନେବେ ।

Digitized by srujanika@gmail.com

ସେଇ ଅଧିକାଶ---ଅଧିକାଶ ହୋଇ ରହିବ । ଆମେ-ମାନେ ବୁଡ଼ା ହୋଇ ମଲାପାଏଁ ବି ଅଧିକାଶର ଅଧିକାର ଆମ ଉପରେ ରହିବ ହିଁ ରହିବ ।

---ଯୋଇ ଗଦେଇ ମହାରଣା ।

ମନୁଷ୍ୟକୃତ ଝଡ଼ର ଶିକାର ।

ଝଡ଼ ଶେଷ ହୋଇଛି । ଆକାଶ ପୂର୍ବପର ପରିଷ୍କାର । ସମସ୍ତଙ୍କ ମନରେ ମନୁଷ୍ୟକୃତ ଝଡ଼ର ମୁକାବିଲା ପାଇଁ ଦୃଢ଼ ସଂକଳ୍ପ ।



Digitized by srujanika@gmail.com

ଏମାନଙ୍କୁ ନେଇ କ'ଣ ଘର କରି ହେବ ?

ଲୋକେ କହନ୍ତି ମୁଁ କୁଆଡ଼େ "ଅନ୍ଧକାରର ଶିଶୁ ।" ଅତି ମାତ୍ରାରେ ବିଷାଦବାଦୀ ।

ଏନ୍ତୁଡ଼ିଶାଳର ସ୍ତିମିତ ଆଲୋକ ଭିତରେ ଜନ୍ମ ହୋଇଛି ସତ, କିନ୍ତୁ ମୁଁ କଣ ନୂତନ ଜୀବନର ଆଲୋକ ଖୋଜିନି ?

ସୀମିତ ଆଉ ସଙ୍କୀର୍ଣ୍ଣ ପରିବେଶ ଭିତରୁ ବିପୁଳାତ ପୃଥ୍ୱୀର ବିସ୍ତାରିତ କେନ୍ଦ୍ର ଆଡ଼କୁ କ'ଣ ଧାଇଁନି ? ସବୁ କରିଛି । ହେଲେ ଆଲୁଅ କାହିଁ ? ଶେଷକୁ ଅନ୍ଧକାରର ନିବିଡ଼ତା ସହିତ ଏକ ହୋଇ ମିଶିଯିବାକୁ ଚାହିଁଲି । ଅନ୍ଧକାରର ଶିଶୁପଣକୁ କୋଳାଗତ କଲି । ଜୀବନର ଆଦର୍ଶକୁ ଅନ୍ଧାର ସହିତ ଅତି ନିର୍ଲ୍ଲଜ ଭାବରେ ସାଲିସ କରିବାକୁ ବାଧ୍ୟ ହେଲି ।

ଆଜିକାଲି ଅନ୍ଧାର ଖୁବ୍ ଭଲ ଲାଗୁଛି । ସେଥିପାଇଁ ଜେଜେ ବାପାଙ୍କ ପୁରୁଣା କାଳର ସେ ବେଡ଼୍‌ରୁମ୍‌ରୁ ଅଳନ୍ଧୁ ଲଗା ବାଲ୍‌ଲଇଟ୍ ଗୁଡ଼ାକୁ ଜବରଦସ୍ତି କାଢ଼ିଦେଇଛି । କେବଳ ଟିକିଏ ଆଶ୍ୱାସନା ପାଇଁ ଚେଷ୍ଟା କରୁଛି । ଅନ୍ଧାର ଭିତରେ ବି' ବିଗତ ଦିନର ଅଳକାମାନଙ୍କର ଅସ୍ପଷ୍ଟ ଛାଇ ମତେ ଅସ୍ଥିର ନ କରି ଛାଡ଼ୁନି । କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନି । ଘରେ ବାପା ବୋଉଙ୍କ ଅଜସ୍ର ଅନୁରୋଧ ଘରକୁ କେମିତି ବୋହୂଟିଏ ଆସିବ । ତୈଳହୀନ ଶେଷପ୍ରାୟ କୁଳପ୍ରଦୀପକୁ ଜାଳି ଉଜ୍ଜ୍ୱଳ କରିବ ।

× × ×

ଏ କାହାର ଛାଇ ?

ସମ୍ଭବତଃ ମହାଶିକା ସାମନ୍ତରାୟର । ତଥାକଥିତ ଅଳକାମାନଙ୍କର ଶୋଭାଯାତ୍ରାରେ ତାର ସ୍ଥାନ ସ୍ୱତନ୍ତ୍ର ।

Digitized by srujanika@gmail.com

ସେ ବି ଅନେକ ଦିନ ପର୍ଯ୍ୟନ୍ତ ମୋ ମନର ଇନ୍ଦ୍ରଧନୁରେ ଗୋଟାଏ ବିଶିଷ୍ଟ ରଙ୍ଗ ଥିଲା ।

ତା ଦେହର ଆମେଜନ୍ କୂଳେ କୂଳେ ମୁଁ ବି ଦିନେ ସାନ୍ଧ୍ୟ-ଭ୍ରମଣରେ ବାହାରୁଥିଲି, ଯେହେତୁ ଜୈବିକ ପ୍ରକ୍ରିୟାରୁ ସୃଷ୍ଟ ମୁଁ ଏକ ପୁରୁଷ । ମୁଁ ଦେଖିଛି ତା'ର ସେ ପ୍ରଶାନ୍ତ ମହାସାଗରୀୟ ଆଖି । ଅନ୍ଧ ଭାବରେ ଡାଇଭ୍ ମାରିଛି । ମୁକ୍ତା ଅନ୍ୱେଷଣ କରିଛି । କିନ୍ତୁ ମୁକ୍ତା ବଦଳରେ ପାଇଛି ରାଶି ରାଶି ଆଘାତର ଶାମୁକା

—ସେଇ ନୀହାରିକା ଦିନେ ଥିଲା ମୋର ବାଗଦତ୍ତା । ମନ ଉପବନର ମଧୁଝରା ଫୁଲ ।

ତନୁ ଚନ୍ଦନର ଆବର୍ତ୍ତନରେ ସେ ମୋତେ ଆମୋଦିତ କରୁଥିଲା···ରୋମାଞ୍ଚିତ କରୁଥିଲା । ନୂତନ ଜୀବନର ସନ୍ଧାନପାଇଁ ନୀହାରିକାର ସୀମାହୀନ ଶୂନ୍ୟପଥରେ ଘୂରୁ ଘୂରୁ ହଠାତ୍ ଉଲ୍କା ପରି ଭୂଲୁଣ୍ଠିତ ହେଲା ସେହିଦିନ, ଯେଉଁଦିନ ଆଇ, ଏ, ଏସ୍, କଲ୍ ପାଇବାରୁ ବଞ୍ଚିତ ହେଲା ।

ଦୀର୍ଘଦିନ ଧରି ମୋ ଭିତରେ ଥିବା ରକ୍ତମାଂସହୀନ ଆଇ, ଏ, ଏସ୍ ମଣିଷ···ନୀହାରିକାର ଆଶା ଆକାଙ୍କ୍ଷାର ପ୍ରତୀକଟିର ହଠାତ୍ ଅକାଳ ମୃତ୍ୟୁ ହେଲା । ଠିକ୍ ଯେମିତି ସ୍ୱାମୀର ମୃତ୍ୟୁପରେ ତନ୍ୱୀ-ବିଧବା-ପତ୍ନୀ ଶାଶୂଘରର ବନ୍ଧନକୁ ପଛରେ ପକେଇ ବାପ ଘରକୁ ଆଦର ନିଏ, ଠିକ୍ ସେମିତି ମୋ ଭିତରର ଆଇ, ଏ, ଏସ୍ ପ୍ରେମିକଟି ମରିଯିବାପରେ ଆମ ପ୍ରାଣ-ବନ୍ଧନର ଗଣ୍ଠି ସବୁ ଦୁର୍ବଳ ହୋଇ ଆସି ଶେଷକୁ ସବୁଦିନ ପାଇଁ ଛିଣ୍ଡି ଗଲା ।

× ×

Digitized by srujanika@gmail.com

ପୁଣି ଏ କାହାର ଗୁଳି ?

ହଁ, ନିଶ୍ଚିତ ଭାବରେ ସୁପ୍ରଭାର । ମଞ୍ଚ ଜଗତର ସଫଳ ଅଭିନେତ୍ରୀ ସୁପ୍ରଭା ବନ୍ଧ୍ୟୋପାଧ୍ୟାୟ । ସେ କେବଳ ମୋ ନାଟକର ନାୟିକା ନ ଥିଲ, ମୋ ଜୀବନ ରଙ୍ଗମଞ୍ଚରେ ସବୁଦିନ ଅଭିନୟ କରିବା ପାଇଁ ବହୁମୂଲ୍ୟ ପ୍ରତିଶ୍ରୁତି ସେ ଦେଇଥିଲା । ନାଟକ ପରେ ନାଟକ ଗ୍ଲଲା । ସମ୍ବର୍ଦ୍ଧିତ ହେଲୁ । ଶେଷକୁ ଆସିଲା କଲେଜ ଜୀବନର ଶେଷ ନାଟକ "ଅନ୍ଧକାରର ଅଶ୍ରୁ ।" ନାଟକ ସରିଲା । ମୁଁ ଗ୍ରୀନ୍ ରୁମ୍‌ରେ ଅପେକ୍ଷା କରିଥାଏ । ମତେ ବୋଧହୁଏ ଦେଖିପାରି ସୁପ୍ରଭା ଅନ୍ୟ ଦରଜା ଦେଇ ବାହାରକୁ ଗ୍ଲଲି ଯିବାକୁ ବସିଲା । ମହାନଦୀ ସୁପ୍ରଭାର ଖଣ୍ଡିତସତ୍ତା ହେମଦର୍ଶୀର ଗତି ମତେ ଆଶ୍ଚର୍ଯ୍ୟ କଲା । ପରଦିନ ଚିଠି ଆସିଲା ସୁପ୍ରଭାଠୁ । ଅବଶ୍ୟ ଶେଷ ଚିଠି । ସେଥିରେ ଲେଖାଥିଲା— "ନାଟକର ଶେଷଦୃଶ୍ୟ ପରେ ଠିକ୍ ଯେମିତି ମଞ୍ଚର ପାର୍ଶ୍ୱ ପ୍ରଦୀପ ଲିଭି ଆସେ, ଠିକ୍ ସେମିତି ଆମ ଜୀବନ ନାଟକର ଯବନିକା ପଡ଼ି ଆସିବା ଉଚିତ୍ । ପ୍ରତିଭାର ପୂଜାରିଣୀ ହେବା ଓ ସ୍ତ୍ରୀ ଭାବରେ ସବୁଦିନ ପାଇଁ ଜଞ୍ଜାଳ ମୁଣ୍ଡେଇବା ଏକାକଥା ନୁହେଁ । ମହାନଗରୀର ପଥଗ୍ଲରିଣୀ ମୁଁ । ମୋ ରାସ୍ତାର ମୋଡ଼ ବଦଳୁଛି । ଆଗରେ ଚୌରଙ୍ଗୀ । ମୁଁ ଏ ରାସ୍ତାରେ ଯାଉଛି, ତୁମ ରାସ୍ତା ବିପରୀତ ଦିଗରେ ।"

ଆଧୁନିକ ସଂସ୍କୃତିର ଗୋଟାଏ ଗୋଟାଏ ଶୁଦ୍ଧ ସଂସ୍କରଣ ସେଇ ମୀହାରିକା ଓ ସୁପ୍ରଭାକୁ ନେଇ କ'ଣ ଘର କରିହେବ ? ଶେଷରେ ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି ଯେ ଆମ ଗାଁ ଧୋବଣୀ ଝିଅ ସବୁଠୁଁ ଭଲ ।

—*—

Digitized by srujanika@gmail.com

ପ୍ରତାପ ଚନ୍ଦ୍ର ରଥ



ସୁଧାକର ସାହୁ

ଡଃ ପଦ୍ମ ଚରଣ ଦାଶ

Digitized by srujanika@gmail.com